# ସତ୍ୟ ନ୍ୟୁଜ୍

ଓଡ଼ିଆ ଦୈନିକ

RNI No.-ODIODI/2024/17847

www.satyanews24.in
RNI No.ODIODI/2024/17847
୦୧ ବର୍ଷ Volume-01
ISSUE - 51 ସଂଖ୍ୟା-୫୧
ଭୁବନେଶ୍ୱର,ରବିବାର ୯, ମାର୍ଚ୍ଚ ୨୦୨୫
Bhubaneswar, Sunday, 9, March 2025
୦୮ ପୃଷ୍ଠା Pages-08
ମୂଲ୍ୟ : ୭.୦୦ ଟଙ୍କା Price : Rs.7.00
E-Mail : satyanews24.bbsr@gmail.com

Like, Follow & Subscribe Satya News24


## ବାଲି ଉଠାଉଥିବା ସମୟରେ ଅଘଟଣ

## ମହାନଦୀକୁ ଡେଇଁ ଜଣେ ଯୁବକ ନିଖୋଜ, ୩ ଉଦ୍ଧାର

**କଟକ :** ଜଗତପୁରଥାନା ବାରଗୋଡ଼ିଆ ନିକଟ ମହାନଦୀରୁ ବାଲିଉଠାଉଥିବା ସମୟରେ ଅଘଟଣ। ପୁଲିସ ଭୟରେ ମହାନଦୀକୁ ଡିଆଁ ମାରିଲେ ୪ଜଣ ଯୁବକ। ୩ଜଣଙ୍କୁ ଉଦ୍ଧାର କରାଯାଇଥିବାବେଳେ ଜଣେ ଯୁବକ ନିଖୋଜ



ଥିବା ଜଣାପଡ଼ିଛି। ନିଖୋଜ ଯୁବକଙ୍କୁ ଉଦ୍ଧାର ପାଇଁ ଉଦ୍ୟମ ଜାରି ରହିଛି। ନିଖୋଜ ଯୁବକଙ୍କ ପରିଚୟ ମିଳିଛି ଏବଂ ସେ ଜଗତପୁର ଅଞ୍ଚଳର ସେକ୍ ତଲିମ୍ ବୋଲି ଜଣାପଡ଼ିଛି। ଜଗତପୁରଥାନା ବାରଗୋଡ଼ିଆ ନିକଟ ମହାନଦୀରେ ବିଳମ୍ବିତ ରାତିରେ ଖଣି ବିଭାଗ ଏବଂ ପୁଲିସ ପକ୍ଷରୁ ମିଳିତ ଭାବେ ଚଢ଼ାଉ କରାଯାଇଥିଲା। ସେଠାରେ ବାଲି ଉଠାଉଥିବା ୪ଜଣ ଯୁବକ ପୁଲିସକୁ ଦେଖି ଭୟରେ ମହାନଦୀକୁ ଡେଇଁ ପଡ଼ିଥିଲେ। ଘଟଣା ସମ୍ପର୍କରେ ଅଗ୍ନିଶମ ବାହିନୀକୁ ପୁଲିସ ଖବର ଦେଇଥିଲା। ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ୩ଜଣ ଯୁବକଙ୍କୁ ଉଦ୍ଧାର କରିଥିଲା। ତେବେ ଅନ୍ୟ ଜଣେ ଯୁବକ ନିଖୋଜ ହୋଇଯାଇଥିଲା। ନିଖୋଜ ଯୁବକକୁ ଉଦ୍ଧାର ପାଇଁ ଅଗ୍ନିଶମ ବାହିନୀ ଉଦ୍ୟମ ଜାରି ରଖିଥିବା ସୂଚନା ମିଳିଛି।

# ୧ କୋଟି ମହିଳାଙ୍କୁ ସୁଭଦ୍ରା ଯୋଜନାର ଦ୍ୱିତୀୟ କିସ୍ତି

- ➤ ସୁଭଦ୍ରା ଏକ ବିପ୍ଳବରେ ପରିଣତ ହୋଇଛି
- ➤ ୨୪ ମିନିଟରେ ସୁଭଦ୍ରା ନିଷ୍ପତ୍ତି ହୋଇଥିଲା
- ➤ ୯ ମାସରେ ୧ କୋଟିରୁ ଅଧିକ ମହିଳା ସଶକ୍ତ ହୋଇଛନ୍ତି
- ➤ ମହିଳା ହିଂସାରେ ଲିପ୍ତ ବ୍ୟକ୍ତି ମାନଙ୍କ ବିରୋଧରେ ହେବ କଡା କାର୍ଯ୍ୟାନୁଷ୍ଠାନ
- ➤ ଲକ୍ଷପତି ଦିଦି ଯୋଜନାରେ ଓଡ଼ିଶା ଦ୍ୱିତୀୟ
- ➤ ଗଂଜାମ ଜିଲ୍ଲା ପାଇଁ ୬୩୮ କୋଟି ପ୍ରକଳ୍ପର ଶୁଭାରମ୍ଭ




**ଭୁବନେଶ୍ୱର :** ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଆଜି ଗଂଜାମ ଜିଲ୍ଲାର ବ୍ରହ୍ମପୁର ସହରର ଆମ୍ବପୁଆ ଠାରେ ରାଜ୍ୟର ୧ କୋଟି ୬୪ ହଜାର ମହିଳାଙ୍କୁ ସୁଭଦ୍ରା ଯୋଜନାର ଦ୍ୱିତୀୟ କିସ୍ତି ପ୍ରଦାନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତିଯେ, ୫୧ତମ ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ୯ ମାସର ଆମର ନୂଆ ସରକାର ଆଜି ରାଜ୍ୟର ୧ କୋଟିରୁ ଅଧିକ ମା'ଙ୍କ ପାଇଁ ଆର୍ଥିକ ସ୍ୱାଧୀନତାର ରାସ୍ତା ଖୋଲି ପାରିଛି । ସବୁ ମା'ଙ୍କୁ ୨ଟି କିସ୍ତିରେ ୧୦ ହଜାର ଟଙ୍କା ଲେଖାଏଁ ମିଳିଲା। ସେ ଦୃଷ୍ଟିରୁ, ମୁଖ୍ୟମନ୍ତ୍ରୀ ଭାବେ ଆଜି ଦିନଟି ମୋ ପାଇଁ ସବୁଠାରୁ ସନ୍ତୋଷର ଦିନ ଓ ସବୁଠାରୁ ଗୌରବର ଦିନ । କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ପୂର୍ବ ସରକାରଙ୍କୁ ସମାଲୋଚନା କରି କହିଛନ୍ତିଯେ, ଯେଉଁମାନେ ପଚାରୁଛନ୍ତି ଯେ ଆମ ସରକାର ୯ ମାସରେ କ'ଣ କରିଛି, ସେମାନଙ୍କୁ କୁହନ୍ତୁ ଯେ ୨୪ ବର୍ଷରେ ଯେଉଁ ସରକାର ମହିଳାଙ୍କ ପାଇଁ କେବଳ ସ୍ଲୋଗାନ ଦେଉଥିଲେ, ମୋହନ ସରକାର କ୍ଷମତାକୁ ଆସିବାର ମାତ୍ର ୨୪ ମିନିଟ ମଧ୍ୟରେ ଐତିହାସିକ ସୁଭଦ୍ରା ଯୋଜନା କାର୍ଯ୍ୟକାରୀ କରିବା ପାଇଁ ନିଷ୍ପତ୍ତି ନେଇଥିଲେ ଏବଂ ଖୁସିର ବିଷୟ ଯେ ତିନିମାସ ମଧ୍ୟରେ କାର୍ଯ୍ୟ ଆରମ୍ଭ କରି ଆଜି ୯ ମାସ ମଧ୍ୟରେ ଏକ କୋଟିରୁ ଅଧିକ ମହିଳାଙ୍କୁ ସୁଭଦ୍ରାର ଦ୍ୱିତୀୟ କିସ୍ତି ପ୍ରଦାନ କରିଛନ୍ତି। ସେ ଆହୁରି ମଧ୍ୟ କହିଥିଲେଯେ, ଆମର ନିନ୍ଦୁକମାନେ ଭୁଲି ଯାଇଛନ୍ତି ଯେ ଶିଶୁଟିଏ ଜନ୍ମ ହେବାକୁ ମଧ୍ୟ ମା' ଗର୍ଭରେ ୯ ମାସ ବିତେଇବାକୁ ପଡିଥାଏ। ଆମ ସରକାରର ୯ ମାସ ପୂରଣ କରିବାକୁ ଆହୁରି ଚାରିଦିନ ବାକି ଅଛି। କିନ୍ତୁ, ଏହି ସ୍ୱଳ୍ପ ସମୟ ଭିତରେ ଆମେ ଓଡିଶାର ଜନସାଧାରଣଙ୍କ ପାଇଁ ଯେଉଁ କାର୍ଯ୍ୟ କରି ପାରିଛୁ, ତାହା ସେମାନେ ପ୍ରକୃତରେ ବିଶ୍ୱାସ କରିପାରୁ ନାହାନ୍ତି। ସେମାନେ ବିଶ୍ୱାସ କରି ପାରୁନାହାନ୍ତି ଯେ ଚାଷୀଙ୍କୁ ୨୪ ବର୍ଷ ରେ ଗଝଚ ଠାରୁ କିଛି ଅଧିକ ଟଙ୍କା ଦେଇ ପାରିଲେ ନାହିଁ, କିନ୍ତୁ ଏ ନୂଆ ସରକାର କିପରି ଭାବେ ୨୪ ମିନିଟରେ କୁଇଣ୍ଟାଲ ପିଛା ୧୦୦ ନୁହେଁ, ୮୦୦ ଟଙ୍କା ଦେବା ପାଇଁ ନିଷ୍ପତ୍ତି ନେଇଗଲେ। ମୁଖ୍ୟମନ୍ତ୍ରୀ ସେମାନଙ୍କୁ ଜବାବ ରଖି କହିଥିଲେ ଯେ, ୨୪ ବର୍ଷ ଧରି ଆପଣ ଯାହା କରିବାକୁ ଚିନ୍ତା କରିପାରି ନ ଥିଲେ ଆମେ ତାକୁ କାର୍ଯ୍ୟରେ ପରିଣତ କରିଛୁ। ଗରିବ ପରିବାରଙ୍କ କନ୍ୟା ସନ୍ତାନ ବିବାହ ଏବଂ ରାଜ୍ୟର ଗରିବ ଜନସାଧାରଣଙ୍କୁ ନିଃଶୁଳ୍କ ଜଗନ୍ନାଥ ଦର୍ଶନ କରାଇବାର ନିଷ୍ପତ୍ତି ମଧ୍ୟ ଆମେ ନେଇଛୁ। ସେ ପୁଣି କହିଥିଲେ, ଏହି କାର୍ଯ୍ୟକ୍ରମ ଆଜି ଏକ ବିପ୍ଳବରେ ପରିଣତ ହୋଇଛି, ସୁଭଦ୍ରା ବିପ୍ଳବ। କାରଣ ସୁଭଦ୍ରା ଯୋଜନା କେବଳ ବର୍ଷକୁ ଦୁଇଥର ସହାୟତା ବାଣ୍ଟିବା କାର୍ଯ୍ୟକ୍ରମ ନୁହେଁ। ସୁଭଦ୍ରା ଯୋଜନା ଏକ ବ୍ୟାପକ ଅଭିଯାନର ରୂପ ନେବାକୁ ଯାଉଛି। କିଶୋରୀ ମାନଙ୍କଠାରୁ ଆରମ୍ଭ କରି ଭିନ୍ନ ଭିନ୍ନ ବୟସର ମହିଳାମାନେ ସଶକ୍ତ ଏବଂ ସମୃଦ୍ଧ ହୋଇପାରିବାର ବ୍ୟବସ୍ଥା କରାଯାଉଛି। ଏହା ରାଜ୍ୟର ପ୍ରତ୍ୟେକ ସୁଭଦ୍ରାଙ୍କ ମନରେ ଏକ ନୂତନ ଆଶା ଓ ବିଶ୍ୱାସର ସଂଚାର କରିବ। ମହିଳାଙ୍କ ବିରୁଦ୍ଧରେ ହିଂସା ଏବଂ ଅସଦାଚରଣ କରୁଥିବା ବ୍ୟକ୍ତିଙ୍କ ପାଇଁ କଡା ବାର୍ତ୍ତା ଦେବାକୁ ଯାଇ ମୁଖ୍ୟମନ୍ତ୍ରୀ କହିଥିଲେଯେ, ମହିଳାଙ୍କ ବିରୁଦ୍ଧରେ ହିଂସାରେ ଲିପ୍ତ ବ୍ୟକ୍ତି ସରକାର, ବିଶେଷଭାବେ ବ୍ୟକ୍ତିଗତ ଭାବେ ମୋ ପାଇଁ କେବଳ ଜଣେ ଜଣେ ଅପରାଧୀ, ଏବଂ ଏହିପରି ଅପରାଧୀଙ୍କ ସ୍ଥାନ ଜେଲର ଚାରିକାନ୍ଥ ମଧ୍ୟରେ, ସଭ୍ୟ ସମାଜରେ ତାଙ୍କର କୌଣସି ସ୍ଥାନ ନାହିଁ। ଏହାକୁ କଡାକଡି ଭାବେ ପାଳନ କରିବା ପାଇଁ ମୁଁ ବିଭାଗୀୟ ଅଧିକାରୀଙ୍କୁ ଆବଶ୍ୟକ ନିର୍ଦ୍ଦେଶ ଦେଇସାରିଛି। ସେ ପୁଣି କହିଥିଲେଯେ, ମହିଳା ମାନଙ୍କୁ ଲକ୍ଷପତି କରାଇବା ପାଇଁ 'ଲକ୍ଷପତି ଦିଦି' ଯୋଜନା ଆରମ୍ଭ ହୋଇଛି । ସାରା ଦେଶରେ ୩ କୋଟି ଲକ୍ଷପତି ଦିଦି ସୃଷ୍ଟି କରିବାର ଲକ୍ଷ୍ୟ ରଖାଯାଇଛି । ଆମ ରାଜ୍ୟ ଲକ୍ଷପତି ଦିଦି ଯୋଜନାକୁ କାର୍ଯ୍ୟକାରୀ କରି ସମଗ୍ର ଭାରତବର୍ଷରେ ଦ୍ୱିତୀୟ ସ୍ଥାନ ହାସଲ କରିଛି; ବର୍ତ୍ତମାନ ସୁଦ୍ଧା ୫ ଲକ୍ଷ ଲକ୍ଷପତି ଦିଦି ସୃଷ୍ଟି କରି ସାରିଲୁଣି । ଓଡିଶାରେ ଆମେ ୨୦୨୭ ସୁଦ୍ଧା ଅତି କମ୍ ରେ ୨୫ ଲକ୍ଷ ଲକ୍ଷପତି ଦିଦି ସୃଷ୍ଟି କରିବାର କାର୍ଯ୍ୟକ୍ରମ ଜାରି ରଖିଛୁ । ବିଗତ ୨୪ ବର୍ଷରେ ମହିଳା ସଶକ୍ତିକରଣ କେବଳ ଏକ ସ୍ଲୋଗାନରେ ରହିଯାଇଥିଲା। କିନ୍ତୁ, ଆମ ସରକାର ମହିଳାଙ୍କୁ ରାଜନୈତିକ, ସାମାଜିକ ଏବଂ ଅର୍ଥନୈତିକ ସ୍ତରରେ ସଶକ୍ତ କରିବା ପାଇଁ ଶପଥ ନେଇ ବିଭିନ୍ନ କାର୍ଯ୍ୟ ଓ ଯୋଜନା କାର୍ଯ୍ୟକାରୀ କରୁଛନ୍ତି । ଏହି କାର୍ଯ୍ୟକ୍ରମ ଅବସରରେ ମୁଖ୍ୟମନ୍ତ୍ରୀ ଗଞ୍ଜାମ ଜିଲ୍ଲାରେ ୬୩୮ କୋଟିରୁ ଅଧିକ ଟଙ୍କାର ବିକାଶମୂଳକ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି । ଏଥିରେ ୪୯୩ କୋଟି ଟଙ୍କାର ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ରଖାଯାଇଥିବା ବେଳେ ୧୪୫ କୋଟିରୁ ଅଧିକ ଟଙ୍କାର ପ୍ରକଳ୍ପ ଉଦ୍‌ଘାଟନ କରାଯାଇଛି । ସୂଚନା ଥାଉକି, ଏଥିରେ ଅନେକ ଜଳଯୋଗାଣ ପ୍ରକଳ୍ପ, ସଡ଼କ ଉନ୍ନତିକରଣ, ସେତୁ ନିର୍ମାଣ, ଚେକ୍ ଡ୍ୟାମ୍ ପ୍ରକଳ୍ପ, ସ୍ୱାସ୍ଥ୍ୟସେବା କେନ୍ଦ୍ର ସ୍ଥାପନ, ଇନ୍‌ଷ୍ଟ୍ରିମ୍ ଷ୍ଟୋରେଜ୍ ପ୍ରକଳ୍ପ ଆଦି ପ୍ରକଳ୍ପ ରହିଛି । ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା କହିଥିଲେଯେ ସୁଭଦ୍ରା ଆଜି ୧ କୋଟିରୁ ଊର୍ଦ୍ଧ୍ୱ ମହିଳାଙ୍କ ପାଖରେ ପହଂଚିଛି। କଥା ଦେଇ ଆମ ସରକାର ଆଜି କଥା ରଖିଛନ୍ତି। ୮ ମାସ ମଧ୍ୟରେ ଏହି ଯେଉଁ ପ୍ରତିଶ୍ରୁତି ଆମେ ଦେଇଥିଲୁଯେ ମହିଳାଙ୍କୁ ସଶକ୍ତ କରିବୁ ଏବଂ ତାହା ଏହି ଭଳି ଭାବେ ଆଗକୁ ମଧ୍ୟ ଆମେ ପୂର୍ଣ୍ଣ କରିବୁ ।ଏହି କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହ ଦେଓ, ଆଇନ ମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମତ୍ସ୍ୟ ଏବଂ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ, ଶ୍ରୀ ଗୋକୁଳାନନ୍ଦ ମଲ୍ଲିକ, ବାଣିଜ୍ୟ, ପରିବହନ ମନ୍ତ୍ରୀ ଶ୍ରୀ ବିଭୁତି ଭୂଷଣ ଜେନା, ବ୍ରହ୍ମପୁର ସାଂସଦ ଶ୍ରୀ ପ୍ରଦୀପ ପାଣିଗ୍ରାହୀ, ଆସିକା ସାଂସଦ ଶ୍ରୀମତୀ ଅନିତା ଶୁଭଦର୍ଶିନୀ ଓ ଗଂଜାମ ଜିଲ୍ଲାର ସମସ୍ତ ବିଧାୟକ ମାନେ ଉପସ୍ଥିତ ଥିଲେ ।ଉକ୍ତ କାର୍ଯ୍ୟକ୍ରମରେ ମହିଳା ଏବଂ ଶିଶୁବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଶୁଭା ଶର୍ମା ସ୍ୱାଗତ ଭାଷଣ ଦେଇଥିବା ବେଳେ, ଗଂଜାମ ଜିଲ୍ଲାପାଳ ଶ୍ରୀ ଦିବ୍ୟଜ୍ୟୋତି ପରିଡା ଧନ୍ୟବାଦ ଦେଇଥିଲେ।

## ହୀରାକୁଦ ଡ୍ୟାମରେ ହେବ ଅତିରିକ୍ତ ସ୍କିଲ ୱେ ନିର୍ମାଣ

## ଅନୁଧ୍ୟାନ କଲେ ୯ ଜଣିଆ ଟିମ୍



**ସମ୍ବଲପୁର :** ହୀରାକୁଦରେ ପ୍ରସ୍ତାବିତ ନୂଆ ଅତିରିକ୍ତ ସ୍କିଲ ୱେର ନିର୍ମାଣ ପ୍ରସଙ୍ଗ । କ୍ଷେତ୍ର ପରିଦର୍ଶନ ପାଇଁ ହୀରାକୁଦରେ କେନ୍ଦ୍ରୀୟ ଜଳ ଆୟୋଗ ଓ ବିଶ୍ୱ ବ୍ୟାଙ୍କ ପ୍ରତିନିଧି । ଡ୍ୟାମ ଫାଉଣ୍ଡେସନ ଗ୍ୟାଲେରୀ,ସ୍ଲୁଇସ ଗେଟ ଅପରେସନ ପାୱାର ଚାନେଲ ବୁଲି ଦେଖିଛନ୍ତି ୯ ଜଣିଆ ଟିମ୍ । ଖୁବ ଶୀଘ୍ର କାମ ଆରମ୍ଭ ହେବା ନେଇ ସୂଚନା ଦେଇଛନ୍ତି ଜଳଭଣ୍ଡାର ମୁଖ୍ୟଯନ୍ତ୍ରୀ ସୁଶୀଲ ବେହେରା ।ଏଥିପାଇଁ ୨୦୨୫-୨୬ ଆର୍ଥିକ ବର୍ଷରେ ୯୦ କୋଟି, ୨୦୨୬-୨୭ରେ ୨୦୦ କୋଟି,୨୦୨୭-୨୮ରେ ୨୨୪ କୋଟି ,୨୦୨୮-୨୯ରେ ୧୭୦ କୋଟି,୨୦୨୯-୩୦ରେ ୧୧୦ କୋଟି ,୨୦୩୦-୩୧ରେ ୯୦.୩୮ କୋଟି ଟଙ୍କା ଖର୍ଚ୍ଚ ହେବ । ସେହିପରି ଜଳ ସ୍ଥଳ ଓ ଆକାଶ ମାର୍ଗରେ ସର୍ଭେ କରି ଫାଟ ଓ ଅନ୍ୟ ସଂକଟଜନକ ପରିସ୍ଥିତି ପାଇଁ ଚିହ୍ନଟ ତଥା ଏହାର ପୁନରୁଦ୍ଧାର ପାଇଁ ୩୨ କୋଟି ଖର୍ଚ୍ଚ ହେବ ।ହୀରାକୁଦ ଡ୍ୟାମର ଓ ପ୍ରସ୍ତାବିତ ଅତିରିକ୍ତ ସ୍କିଲ ୱେ ଗେଟ୍ ଗୁଡିକରେ ସ୍ୱୟଂଚାଳିତ ବ୍ୟବସ୍ଥା କରିବାକୁ ୧୫୦ କୋଟିର ଅର୍ଥ ବ୍ୟୟବରାଦ ହୋଇଛି । କେନ୍ଦ୍ରୀୟ ଜଳ ଆୟୋଗ ଓ ଡ୍ୟାମ ସୁରକ୍ଷା ସମୀକ୍ଷା ପ୍ୟାନେଲ ଅନୁମୋଦ ପରେ ଏହାକୁ କାର୍ଯ୍ୟକାରୀ କରାଯିବା ପାଇଁ ନିଷ୍ପତି ହୋଇଛି ।ପୂର୍ବରୁ ବାମ ପଟ ଡାଇକରେ ଅଧା ନିର୍ମିତ ଅବସ୍ଥାରେ ଅତିରିକ୍ତ ସ୍କିଲ ୱେ ପଡିରହିଛି । ଏଥିପାଇଁ ଜମି ଅଧିଗ୍ରହଣ ମଧ୍ୟ ସରିଛି । ଏହାକୁ ନିର୍ମାଣ କରୁଥିବା ସଂସ୍ଥା କୌଣସି କାରଣକୁ ନେଇ ଛାଡ଼ି ଚାଲିଯାଇଛନ୍ତି। ଫଳରେ ଅତିରିକ୍ତ ସ୍କିଲ୍ ୱେ ନିର୍ମାଣ କରାଯିବାକୁ ନିଷ୍ପତି ହୋଇଥିଲା। ବନ୍ୟା ଜଳ ନିଷ୍କାସନ କ୍ଷମତାକୁ ବୃଦ୍ଧି କରିବା ପାଇଁ ବାମ ପାର୍ଶ୍ୱ ବନ୍ଧରେ ନିର୍ମାଣ କରାଯାଉଥିବା ଅତିରିକ୍ତ ସ୍କିଲ୍ ୱେ ଲମ୍ବ ପ୍ରାୟ ୯୧ ମିଟର ରହିବ ବୋଲି କୁହାଯାଉଥିଲା। ଏଥିରେ ୫ଟି ସ୍ଲୁଇସ୍ ଗେଟ ରହିବାର ଯୋଜନା ଥିଲା।

## ୧୫.୬୫ ଲକ୍ଷ ଚାଷୀଙ୍କଠାରୁ ୭୦ ଲକ୍ଷ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ



**ଭୁବନେଶ୍ୱର :** ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ଲୋକସେବା ଭବନରେ ବିଭାଗର ବିଭିନ୍ନ କାର୍ଯ୍ୟକଳାପ ଏବଂ କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ। ଏହି ବୈଠକରେ ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ବିଭାଗର ପ୍ରମୁଖ ସଚିବ ସଞ୍ଜୟ କୁମାର ସିଂହ ଏବଂ ଓଡ଼ିଶା ରାଜ୍ୟ ନାଗରିକ ଯୋଗାଣ ନିଗମର ପରିଚାଳନା ନିର୍ଦ୍ଦେଶକ ଶୁଭମ ସକ୍ସେନାଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।ବୈଠକର ପ୍ରାରମ୍ଭରେ ପ୍ରମୁଖ ସଚିବ ସିଂହ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ଏବଂ ପଦକ୍ଷେପ ବିଷୟରେ ଅବଗତ କରାଇଥିଲେ। ରାଜ୍ୟରେ ଚଳିତ ଖରିଫ ଋତୁରେ ଏପର୍ଯ୍ୟନ୍ତ ପ୍ରାୟ ୧୫.୬୫ ଲକ୍ଷ ଚାଷୀଙ୍କଠାରୁ ୭୦ ଲକ୍ଷ ମେଟ୍ରିକ୍ ଟନ୍ (ଏଲଏମଟି) ଧାନ ସଂଗ୍ରହ କରାଯାଇଛି ଏବଂ ପ୍ରାୟ ୧୫,୬୧୩ କୋଟି ଟଙ୍କା ଚାଷୀମାନଙ୍କ ଆକାଉଣ୍ଟକୁ ଏମଏସପି ଭାବରେ ଏବଂ ୫୪୩୦ କୋଟି ଟଙ୍କା ଇନପୁଟ୍ ସହାୟତା ଭାବରେ ସ୍ଥାନାନ୍ତର କରାଯାଇଛି। ଆଗାମୀ ରବି ଋତୁରେ ଧାନ ସଂଗ୍ରହ ପ୍ରକ୍ରିୟାକୁ କିପରି ଆହୁରି ସୁଗମ କରାଯାଇପାରିବ ସେ ବିଷୟରେ ମଧ୍ୟ ବିସ୍ତୃତ ଆଲୋଚନା କରାଯାଇଥିଲା। ଚଳିତ ବର୍ଷ ରବି ପାଇଁ ଧାନ ସଂଗ୍ରହ ପ୍ରକ୍ରିୟା ୧ ମେ' ରୁ ୩୦ ଜୁନ୍ ପର୍ଯ୍ୟନ୍ତ ଆରମ୍ଭ ହେବ। ଏଥିପାଇଁ ଚଳିତ ମାସରୁ ଚାଷୀଙ୍କ ପଞ୍ଜୀକରଣ ଆରମ୍ଭ କରାଯିବ ବୋଲି ସିଂହ କହିଛନ୍ତି। ସେହିପରି, କ୍ରୟ ହୋଇଥିବା ଧାନରୁ ଉତ୍ପାଦିତ ବଳକା ଚାଉଳ ଭାରତୀୟ ଖାଦ୍ୟ ନିଗମକୁ ଯୋଗାଇବା ପାଇଁ ବୈଠକରେ ଆଲୋଚନା ହୋଇଥିଲା। ରାଜ୍ୟରେ ଇ-କେୱାଇସି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ମନ୍ତ୍ରୀ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏପର୍ଯ୍ୟନ୍ତ ପ୍ରାୟ ୯୨ ପ୍ରତିଶତ ହିତାଧିକାରୀଙ୍କ ପାଇଁ ଇ-କେୱାଇସି ପ୍ରକ୍ରିୟା ସମ୍ପୂର୍ଣ୍ଣ ହୋଇଛି। ଦୁର୍ବଳ ଇଣ୍ଟରନେଟ୍ ସଂଯୋଗ ଥିବା ଅଞ୍ଚଳରେ ଫେୟାର ପ୍ରାଇସ୍ ଦୋକାନ (ଏଫପିଏସ) ରେ ଇଣ୍ଟରନେଟ୍ ବ୍ୟବସ୍ଥା କରି ଇ-କେୱାଇସି ପ୍ରକ୍ରିୟା ଚାଲିଛି। ଏପର୍ଯ୍ୟନ୍ତ ପ୍ରକ୍ରିୟାରେ ସାମିଲ ହୋଇ ନଥିବା ୩୦.୮୪ ଲକ୍ଷ ହିତାଧିକାରୀଙ୍କ ବିଷୟରେ ସୂଚନା ପାଇବା ପାଇଁ ମଧ୍ୟ ପ୍ରୟାସ ଚାଲିଛି।

ଅନ୍ୟପକ୍ଷରେ, ପିଡିଏସ ସହିତ ବାଜରା ଭଳି ପୁଷ୍ଟିକର ଉତ୍ପାଦ ଏବଂ ଅନ୍ୟାନ୍ୟ ସାମଗ୍ରୀ ଯୋଗାଇବା ପାଇଁ ପାଇଲଟ୍ ଭିତ୍ତିରେ ମନୋନୀତ ୩୦ଟି ଏଫପିଏସକୁ ଜନ-ପୋଷଣ କେନ୍ଦ୍ର ଭାବରେ ରୂପାନ୍ତରିତ କରାଯିବ। ଏଥିପାଇଁ, ଏକ ଦଳ ଅନ୍ୟ ରାଜ୍ୟର ଜନ-ପୋଷଣ କେନ୍ଦ୍ରଗୁଡ଼ିକୁ ପରିଦର୍ଶନ କରି ସେମାନଙ୍କର କାର୍ଯ୍ୟକାରିତା ବିଷୟରେ ପ୍ରତ୍ୟକ୍ଷ ସୂଚନା ହାସଲ କରିବେ।

## ରାଜ୍ୟସ୍ତରୀୟ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ

## ଏହା ତୁମର ସମୟ, ମୁହୂର୍ତ୍ତ : ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର :** ଅନ୍ତର୍ଜାତୀୟ ମହିଳା ଦିବସରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଓଡ଼ିଶାର ପ୍ରତ୍ୟେକ ଝିଅ ମାନଙ୍କୁ ନିର୍ଭୟରେ ସ୍ୱପ୍ନ ଦେଖିବାକୁ ଆହ୍ୱାନ ଦେଇଛନ୍ତି । ସମାଜର ସମସ୍ତ ବାଧାବିଘ୍ନକୁ ଭାଙ୍ଗି ଆତ୍ମ ବିଶ୍ୱାସର ସହ ଆଗକୁ ବଢିବାକୁ ପ୍ରେରଣା ଦେଇଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, "ଏହା ତୁମର ସମୟ, ତୁମର ମୁହୂର୍ତ୍ତ, ତୁମର ଓଡ଼ିଶା" (This is your Time, your Moment and this is your Odisha) ଆଜି ଲୋକସେବା ଭବନ ସ୍ଥିତ କନ୍‌ଭେନ୍‌ସନ୍ ହଲ୍‌ରେ ଆୟୋଜିତ ରାଜ୍ୟସ୍ତରୀୟ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏହି ଆହ୍ୱାନ ଦେଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ସଶକ୍ତିକରଣର ପ୍ରକୃତ ଅର୍ଥ ମହିଳାମାନଙ୍କୁ କିଛି ଆର୍ଥିକ ସାହାଯ୍ୟ ଦେବା ନୁହେଁ । ଏହାର ପ୍ରକୃତ ଅର୍ଥ ହେଉଛି ପରିବାର ତଥା ସାମାଜିକ ସ୍ତରରେ ନିଷ୍ପତ୍ତି ନେବାର ଅଧିକାର । ଆମ ସରକାର ସଶକ୍ତିକରଣର ଏହି ବ୍ୟାପକ ଲକ୍ଷ୍ୟ ହାସଲ କରିବା ପାଇଁ ଚେଷ୍ଟା ଜାରି ରଖିଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆମେ ଓଡ଼ିଶାର ଅଧା ଜନସଂଖ୍ୟା ଅର୍ଥାତ ସମଗ୍ର ମହିଳା ସମାଜକୁ ଅର୍ଥନୈତିକ, ସାମାଜିକ ତଥା ରାଜନୈତିକ ସ୍ତରରେ ସଶକ୍ତ କରିବୁ, ଯାହାଦ୍ୱାରା ମହିଳା ମାନେ ସବୁ କ୍ଷେତ୍ରରେ ବ୍ୟକ୍ତିଗତ ଭାବେ ନିଷ୍ପତ୍ତି ନେବାରେ ସମର୍ଥ ହୋଇପାରିବେ । ଓଡ଼ିଶାରେ ଏବେ ପରିବର୍ତ୍ତନର ଏକ ନୂଆ ଯୁଗ ଆରମ୍ଭ ହୋଇଛି ବୋଲି ମତଦେଇ ମୁଖ୍ୟମନ୍ତ୍ରୀ କହିଲେ ଯେ ରାଜନୈତିକ ପରିବର୍ତ୍ତନ ସହିତ ସମାଜର ସବୁ କ୍ଷେତ୍ରରେ ପରିବର୍ତ୍ତନର ସ୍ରୋତ ବହିବା ଆରମ୍ଭ କରିଛି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆମ ସରକାର ମହିଳା ସଶକ୍ତିକରଣ ପାଇଁ ଏକ ଐତିହାସିକ ଏବଂ ପଥପ୍ରଦର୍ଶନକାରୀ "ସୁଭଦ୍ରା" ଯୋଜନାକୁ ସଫଳତାର ସହ କାର୍ଯ୍ୟକାରୀ କରିଛନ୍ତି । ଏହା ଓଡ଼ିଶା ଇତିହାସରେ ସବୁଠାରୁ ବଡ଼ ଯୋଜନା ଏବଂ ଓଡ଼ିଶାର ବିକାଶ କାହାଣୀକୁ ପୁନଃ ଲିଖିତ କରିବା ପାଇଁ ଆମର ପ୍ରତିବଦ୍ଧତାର ପ୍ରମାଣ । ଏହି ଯୋଜନାରେ ୧ କୋଟି ମହିଳା ସଶକ୍ତ ହେବାର ରାସ୍ତା ଖୋଲିଛି। ଏହି କାର୍ଯ୍ୟକ୍ରମକୁ ସଫଳ ରୂପାୟନ କରିଥିବା ପ୍ରତ୍ୟେକଙ୍କୁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଜଣାଇଥିଲେ ।

### କର୍ଣ୍ଣାଟକରେ ଜଘନ୍ୟକାଣ୍ଡ // ଇସ୍ରାଏଲ ଯୁବତୀଙ୍କୁ ଗଣଦୁଷ୍କର୍ମ

## ହ୍ରଦକୁ ଫିଙ୍ଗି ଓଡ଼ିଶାର ଯୁବକଙ୍କୁ ହତ୍ୟା !

**ବେଙ୍ଗାଲୁରୁ :** ସମସ୍ତଙ୍କୁ ଦୋହଲାଇ ଦେବା ଭଳି ଭୟଙ୍କର ଘଟଣା ଘଟିଛି। ଗୁରୁବାର ରାତିରେ ୩ ଜଣ ଯୁବକ ଘଟାଇଛନ୍ତି ଜଘନ୍ୟକାଣ୍ଡ। ସେମାନେ ଜଣେ ୨୭ ବର୍ଷୀୟ ଇସ୍ରାଏଲ ପର୍ଯ୍ୟଟକ ଓ ଜଣେ ହୋମ ଷ୍ଟେ ମାଲିକଙ୍କୁ ମାଡ଼ ମାରିବା ସହ ଗଣଦୁଷ୍କର୍ମ କରିଛନ୍ତି। ସେହିପରି ଅଭିଯୁକ୍ତମାନେ ସ୍ଥାନୀୟ ହ୍ରଦକୁ ଓଡ଼ିଶାର ଜଣେ ଯୁବକଙ୍କୁ ଠେଲି ଦେଇଥିଲେ। ପୁଲିସ୍ ଆଜି ଓଡ଼ିଶାର ନିଖୋଜ ଯୁବକଙ୍କ ମୃତଦେହକୁ ଉଦ୍ଧା କରିଛି। ପୂରା ଘଟଣା କର୍ଣ୍ଣାଟକାର କୋପ୍ପାଲ ଠାରେ ଥିବା ଗୋଟିଏ କେନାଲ ନିକଟରେ ଘଟିଛି। ଏହି ସ୍ଥାନଟି ବେଙ୍ଗାଲୁରୁ ଠାରୁ ୩୫୦ କିମି ଦୂର। କେନାଲ କୂଳରେ ମୋଟ ୫ ଜଣ ପର୍ଯ୍ୟଟକ ବୁଲୁଥିବା ବେଳେ ଏପରି ଘଟଣା ଘଟିଛି। ଅଭିଯୁକ୍ତମାନେ ୩ ଜଣଙ୍କୁ କେନାଲ ମଧ୍ୟକୁ ଠେଲିବା ପରେ ଦୁଇ ମହିଳାଙ୍କୁ ଟାର୍ଗେଟ କରିଥିଲେ। ବିରାଟ କେନାଲରେ ପଡ଼ି ଯାଇଥିବା ଆମେରିକାର ଡାନିଏଲ ଓ ମହାରାଷ୍ଟ୍ରର ପଙ୍କଜ ପହଁରା ଶିଖିଥିବାରୁ ସୁରକ୍ଷିତ ଭାବେ ପାଣିରୁ ବାହାରି ପଡ଼ିଥିଲେ। କିନ୍ତୁ ଓଡ଼ିଶାର ବିବାଶ କେନାଲରେ ନିଖୋଜ ହୋଇଯାଇଥିଲେ। ତାଙ୍କ ମୃତଦେହକୁ ପୁଲିସ୍ ଆଜି ପାଣିରୁ ଉଦ୍ଧାର କରିଛି। ପୁଲିସ କହିଛି ଯେ ସାନାପୁର ଠାରେ ୨ ଜଣ ମହିଳା ଓ ୩ ଜଣ ପୁରୁଷ ଆକ୍ରମଣର ଶିକାର ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨ ଜଣ ବିଦେଶୀ ନାଗରିକ। ଜଣେ ଆମେରିକୀୟ ହୋଇଥିବା ବେଳେ ଆଉ ଜଣେ ଇସ୍ରାଏଲ ପର୍ଯ୍ୟଟକ। ୫ ଜଣଙ୍କୁ ମାଡ଼ ମରାଯିବା ସହ ୨ ଜଣ ମହିଳାଙ୍କୁ ଅଭିଯୁକ୍ତମାନେ ଦୁଷ୍କର୍ମ କରିଛନ୍ତି।

ଗଣ ଦୁଷ୍କର୍ମର ଶିକାର ହୋଇଥିବା ୨୯ ବର୍ଷୀୟ ହୋମ ଷ୍ଟେ ମାଲିକ କହିଛନ୍ତି ଯେ ସେ ଓ ତାଙ୍କର ୪ ଜଣ ଅତିଥୀ ରାତ୍ର ଭୋଜନ ପରେ ତୁଙ୍ଗଭଦ୍ରାର ବାମ ପାର୍ଶ୍ୱ କେନାଲ ନିକଟକୁ ବୁଲିବାକୁ ଯାଇଥିଲେ। ଏହି ସମୟରେ ରାତି ପ୍ରାୟ ୧୦.୩୦ ହୋଇଥିଲା। ସେମାନେ ବୁଲାବୁଲି କରିବା ସହ ଗୀତ ଗାଉଥିବା ବେଳେ ୩ ଜଣ ଯୁବକ ବାଇକ ଧରି ସେଠାରେ ପହଞ୍ଚିଥିଲେ। ପ୍ରଥମେ ସେମାନେ ପେଟ୍ରୋଲ କେଉଁଠି ମିଳିବ ବୋଲି ପଚାରିଥିଲେ ଓ ଏହା ପରେ ଅତିଥିମାନଙ୍କୁ ୧୦୦ ଟଙ୍କା ମାଗିଥିଲେ। ସେମାନେ ଟଙ୍କା ଦେବାକୁ ମନା କରିବାରୁ ୩ ଯୁବକ ମାରପିଟ ଆରମ୍ଭ କରିଥିଲେ। ପ୍ରଥମେ ସେମାନେ ୩ ଜଣ ପୁରୁଷ ଯାତ୍ରୀଙ୍କୁ ନିକଟସ୍ଥ କେନାଲକୁ ଠେଲି ଦେଇଥିଲେ। ଏହାପରେ ଇସ୍ରାଏଲ ପର୍ଯ୍ୟଟକଙ୍କ ସହ ହୋମ ଷ୍ଟେ ମାଲିକଙ୍କୁ ମାଡ଼ ମାରି ଦୁଷ୍କର୍ମ କରିଥିଲେ। ଏହାପରେ ବାଇକ ଧରି ସେଠାରୁ ଚମ୍ପଟ ମାରିଥିଲେ। ଖବର ପାଇ ପୁଲିସ୍, ସନ୍ଧାନୀ କୁକୁର ଓ ଅଗ୍ନିଶମ କର୍ମଚାରୀମାନେ ଘଟଣା ସ୍ଥଳରେ ପହଞ୍ଚିଥିଲେ। ପାଣିରେ ପଡ଼ି ନିଖୋଜ ହୋଇଥିବା ଓଡ଼ିଶାର ବିବଶଙ୍କୁ ସେମାନେ ଖୋଜିଥିଲେ ମଧ୍ୟ ରାତିରେ କୌଣସି ପତ୍ତା ମିଳି ନଥିଲା। ଆଜି ସକାଳୁ ବିବଶଙ୍କ ମୃତଦେହ କେନାଲ କୂଳରୁ ମିଳିଛି।

## କଳାଧନ ଠାବ ଯଥେଷ୍ଟ ନୁହେଁ, ତ୍ୱରିତ ଶୁଣାଣି ଜରୁରୀ : ଜଷ୍ଟିସ୍ ପଶାୟତ

**କଟକ :** କେବଳ କଳାଧନକୁ ଠାବ କରିବା ଯଥେଷ୍ଟ ନୁହେଁ, ବରଂ ଆଇନ ଅଦାଲତରେ ସେ ସମ୍ପର୍କିତ ମାମଲାର କିପରି ତ୍ୱରିତ ଶୁଣାଣି ହୋଇ ପାରିବ ତା ଉପରେ ତଦନ୍ତକାରୀ ସଂସ୍ଥା ମାନେ ଗୁରୁତ୍ୱ ଦିଅନ୍ତୁ ବୋଲି ନିର୍ଦ୍ଦେଶ ଦେଇଛନ୍ତି ସ୍ୱତନ୍ତ୍ର ତଦନ୍ତକାରୀ ଟାସ୍କଫୋର୍ସର ଉପାଧ୍ୟକ୍ଷ ଜଷ୍ଟିସ ଅରିଜିତ ପଶାୟତ। କଳାଧନ ଠାବ କରିବା ସଂକ୍ରାନ୍ତରେ ଗଠିତ ହୋଇଥିବା ଏସଆଇଟିର ଉପାଧ୍ୟକ୍ଷ ଜଷ୍ଟିସ ଅରିଜିତ ପଶାୟତ କହିଛନ୍ତି, ୧୦ଟି ମଧ୍ୟବର୍ତ୍ତିକାଳୀନ ରିପୋର୍ଟ ସୁପ୍ରିମକୋର୍ଟରେ ଦାଖଲ ହୋଇସାରିଛି ଓ ଆସନ୍ତା ଜୁଲାଇ ମାସ ସୁଦ୍ଧା ଆଉ ଏକ ରିପୋର୍ଟ ଦେବାକୁ ସେ ପ୍ରସ୍ତୁତ ହେଉଛନ୍ତି। ସେ କହିଛନ୍ତି, କଳାଧନ ଠାବ କରିବା ଲାଗି ବିଭିନ୍ନ ତଦନ୍ତକାରୀ ସଂସ୍ଥା ମାନେ ମିଳିତ ଭାବେ କାମ କରିବାକୁ ଯେଉଁ ନିର୍ଦ୍ଦେଶ ହୋଇଥିଲା ତାହା ଗତ ୬ ମାସ



ଭିତରେ ଖୁବ ଫଳବତୀ ହୋଇଛି, ଯାହାର ପରିଣାମ ସ୍ୱରୂପ ଆଶା ଠାରୁ ଅଧିକ ଦୁର୍ନୀତି ସମ୍ପର୍କିତ ମାମଲା ରୁଜୁ ହୋଇ ପାରିଛି। ଆଜି କଟକରେ ଅନୁଷ୍ଠିତ ବୈଠକ ପରେ ଉପାଧ୍ୟକ୍ଷ ପଶାୟତ ରାଜ୍ୟ ଭିଜିଲାନ୍ସ ବିଭାଗ ପକ୍ଷରୁ ଆଜି ଯେଉଁ ରିପୋର୍ଟ ପ୍ରଦାନ କରାଯାଇଛି, ତାକୁ ନେଇ ସନ୍ତୋଷ ପ୍ରକାଶ କରିଛନ୍ତି। କିନ୍ତୁ କେବଳ ମାମଲା ରୁଜୁ କରିଲେ ହେବନାହିଁ, ବରଂ ଆଇନ ଅଦାଲତରେ ସେଗୁଡିକର କିପରି ତ୍ୱରିତ ଶୁଣାଣି ହୋଇ ପାରିବ ଆଜିର ବୈଠକରେ ସେନେଇ ବିଶେଷ ଆଲୋଚନା ହୋଇଛି। ଚଳିତ ବର୍ଷ ବ୍ୟାପକ ଗଂଜେଇ ନଷ୍ଟ କରାଯାଇଛି। ଆଶା ଠାରୁ ଅଧିକ ବେଆଇନ ନିଶା କାରବାର ସମ୍ପର୍କିତ ମାମଲା ରୁଜୁ ହୋଇଛି ଏବଂ ଦୁର୍ନୀତି ନିବାରଣ କ୍ଷେତ୍ରରେ ମଧ୍ୟ ଉଲ୍ଲେଖନୀୟ ପଦକ୍ଷେପ ନିଆଯାଇଥିବା ବିଭିନ୍ନ ବିଭାଗର ରିପୋର୍ଟ ଆଧାରରେ ସୂଚନା ଦେଇଛନ୍ତି ଜଷ୍ଟିସ ପଶାୟତ। ତେବେ ଦେଶରେ ବଢ଼ି ଚାଲିଥିବା ଜିଏସଟି ଠକେଇ, ଅନ ଲାଇନ ଠକେଇକୁ ରୋକିବା ଦିଗରେ ବ୍ୟାପକ ପଦକ୍ଷେପ ସହିତ ଜନ ସଚେତନତା ବୃଦ୍ଧି କରିବା ଲାଗି ବିଭିନ୍ନ ବିଭାଗକୁ ପରାମର୍ଶ ଦେଇଛନ୍ତି ଏସଆଇଟି ଉପାଧ୍ୟକ୍ଷ। ଆଜିର ବୈଠକରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ, ରାଜ୍ୟ ଭିଜିଲାନ୍ସ, କ୍ରାଇମବ୍ରାଞ୍ଚ ସେଣ୍ଟ୍ରାଲ ବ୍ୟୁରୋ ଅଫ ଡ଼ାଇରେକ୍ଟ ଟାକ୍ସେସ, ଜିଏସଟି ସମେତ ପ୍ରାୟ ୧୧ଟି ତଦନ୍ତକାରୀ ସଂସ୍ଥାର ବରିଷ୍ଠ ଅଧିକାରୀ ମାନେ ଯୋଗ ଦେଇଥିଲେ।

# ମୁଖ୍ୟମନ୍ତ୍ରୀଙ୍କ ଗଞ୍ଜାମ ଗ୍ରସ୍ତ ବିଭିନ୍ନ ଉନ୍ନୟନ କାର୍ଯ୍ୟର ଶୁଭାରମ୍ଭ

**ବ୍ରହ୍ମପୁର,(ନି.ପ୍ର) :** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଙ୍କ ଗଞ୍ଜାମ ଗ୍ରସ୍ତ କରି ଆଜି ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ଆମ୍ଭପୁଆ ସ୍ଥିତ ବିବେକ ବିହାର ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଙ୍କ ରାଜ୍ୟର ଏକ କୋଟି ଚୌସଠି କୋଟି ମହିଳାଙ୍କ ପାଇଁ ସୁଭଦ୍ରା ଯୋଜନାର ଦ୍ୱିତୀୟ କିସ୍ତି ପ୍ରଦାନ ବ୍ୟବସ୍ଥାର ଶୁଭାରମ୍ଭ କରିଛନ୍ତି। ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ନ ମାସର ନୂଆ ସରକାର ଆଜି ରାଜ୍ୟର ଏକ କୋଟିରୁ ଅଧିକ ମା'ଙ୍କ ପାଇଁ ଆର୍ଥିକ ସ୍ୱାଧୀନତାର ରାସ୍ତା ଖୋଲି ପାରିଛନ୍ତି ମୋହନ ସରକାର ବା ଓଡିଶା ବିଜେପି ବୋଲି ସୂଚନା ଦେଇଛନ୍ତି । ସବୁ ମା'ଙ୍କୁ ଦୁଇ ଟି ସୁଭଦ୍ରା କିସ୍ତିରେ ଦଶ ହଜାର ଟଙ୍କା ଲେଖାଏଁ ମିଳିଛି। ମୁଖ୍ୟମନ୍ତ୍ରୀ ଭାବେ ଆଜି ଦିନଟି ମୋ ପାଇଁ ସବୁଠାରୁ ସନ୍ତୋଷର ଦିନ ଓ ସବୁଠାରୁ ଗୌରବର ଦିନ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ । କେବଳ ସୁଭଦ୍ରା ଏକ ଯୋଜନା ହୋଇ ରହି ନାହିଁ, ଏହା



ଏକ ବିପ୍ଳବରେ ପରିଣତ ହୋଇଛି। କାରଣ ସୁଭଦ୍ରା ଯୋଜନା କେବଳ ବର୍ଷକୁ ଦୁଇଥର ସହାୟତା ବାଣ୍ଟିବା କାର୍ଯ୍ୟକ୍ରମ ନୁହେଁ। ସୁଭଦ୍ରା ଯୋଜନା ଏକ ବ୍ୟାପକ ଅଭିଯାନର ରୂପ ନେବାକୁ ଯାଉଛି କିଶୋରୀ ମାନଙ୍କ ଠାରୁ ଆରମ୍ଭ କରି ଭିନ୍ନ ଭିନ୍ନ ବୟସର ମହିଳାମାନେ ସଶକ୍ତ ଏବଂ ସମୃଦ୍ଧ ହୋଇପାରିବାର ବ୍ୟବସ୍ଥା କରାଯାଉଛି। ଏହା ରାଜ୍ୟର ପ୍ରତ୍ୟେକ ସୁଭଦ୍ରାଙ୍କ ମନରେ ଏକ ନୂତନ ଆଶା ଓ ବିଶ୍ୱାସର ସଂଚାର କରିବ।

ମୁଖ୍ୟମନ୍ତ୍ରୀ ଙ୍କ ଗଞ୍ଜାମ ଗ୍ରସ୍ତ ଲୋକଙ୍କୁ ଉତ୍ତମ ସେବା ପ୍ରଦାନ ଲକ୍ଷ୍ୟରେ ଗଞ୍ଜାମ ଜିଲ୍ଲାରେ ଛଶହ ଅଠତିରିଶି କୋଟିରୁ ଅଧିକ ଟଙ୍କାର ବିକାଶମୂଳକ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ । ଏଥିରେ ଅନେକ ଜଳଯୋଗାଣ ପ୍ରକଳ୍ପ, ସଡ଼କ ଉନ୍ନତିକରଣ, ସେତୁ ନିର୍ମାଣ, ଚେକ୍ ଡ୍ୟାମ୍ ପ୍ରକଳ୍ପ, ସ୍ୱାସ୍ଥ୍ୟସେବା କେନ୍ଦ୍ର ସ୍ଥାପନ, ଇନ୍‌ଷ୍ଟ୍ରିମ୍ ଷ୍ଟୋରେଜ୍ ଭଳି ବିଭିନ୍ନ ପ୍ରକଳ୍ପ ରହିଛି। ଏହା ଜିଲ୍ଲାର ବିକାଶଧାରାକୁ ଆହୁରି ତ୍ୱରାନ୍ୱିତ କରିବାକୁ ଲକ୍ଷ୍ୟ ରହିଛି। ମୁଖ୍ୟମନ୍ତ୍ରୀ ଙ୍କ ଗଞ୍ଜାମ ଗ୍ରସ୍ତ ବେଳେ ଦୁଇ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଓ କନକ ବର୍ଦ୍ଧନ ସିଂ ଦେଓ,ଓ ଓଡିଶା ସରକାର ଙ୍କ ବରିଷ୍ଠ ମନ୍ତ୍ରୀ ମାନେ, ଜିଲ୍ଲାର ସମସ୍ତ ବିଧାୟକ,ଓ ଗଞ୍ଜାମ ଜିଲ୍ଲାର ଜିଲ୍ଲାପାଳ ଦିବ୍ୟ ଜୋତି ପରିଡା ଙ୍କ ସମେତ ଗଞ୍ଜାମ ଜିଲ୍ଲାର ପୋଲିସ ଅଧିକାରୀ ଗଣ ଓ ସମସ୍ତ ଅଧିକାରୀ ଗଣ ଉପସ୍ଥିତ ଥିଲେ ।

# ବାଘବେଲ ମୁଖ୍ୟ କେନାଲ କାମରେ ଶିଶୁ ଶ୍ରମିକ

## ଶ୍ରମିକ ଶୋଷଣ ନିତିରେ ଘରୋଇ ଠିକା ସଂସ୍ଥା

**ବଲାଙ୍ଗିର,(ନି.ପ୍ର) :** ଜିଲ୍ଲା ର ବଙ୍ଗୋମୁଣ୍ଡା ବ୍ଲକ- ବାଘବେଳ କେନାଲ କାମ କୁ ନେଇ ବିବାଦ ଖୁବ, କେବେ ନିମ୍ନ ମାନର କାମ 'ତ କେବେ ଶିଶୁ ଶ୍ରମିକ ନିୟୋଜିତ ବିବାଦ କ୍ଷ ଇନ୍ଦ୍ରା ଜଳ ସେଚନ ପ୍ରକଳ୍ପ ଯୋଜନାରେ ଘରୋଇ ଠିକା ସଂସ୍ଥାର ମନମୁଖି କାମକୁ ନେଇ ସ୍ଥାନୀୟ ଚାଷୀମାନଙ୍କ ଅଭିଯୋଗ ପରେ ଏବେ ଉଠୁଛି ଶିଶୁ ଶ୍ରମିକ ନିୟୋଜିତ ଅଭିଯୋଗ । ଆମ ଅଞ୍ଚଳର ଲୋକ ମାନଙ୍କ ପାଖେ ରୋଜଗାର ଅବସର ନିମ୍ନ ରହିଥିବା ବେଳେ ଠିକା ସଂସ୍ଥା ଅନ୍ୟ ରାଜ୍ୟ ର ଶିଶୁ ଶ୍ରମିକ ନିୟୋଜିତ କଥା ମଧ ବିବାଦ ସୃଷ୍ଟି କରୁଛିକ୍ଷ ନିର୍ମାଣ କ୍ଷେତ୍ରରେ ଶ୍ରମିକ ମାନଙ୍କୁ ନିମ୍ନ ଦର ରେ ୧୨ ଘଣ୍ଟା ପର୍ଯ୍ୟନ୍ତ ଖଟାଉଥିବା ଦେଖିବାକୁ ମିଳିଛି । ଶିଶୁ ଶ୍ରମିକ ମାନଙ୍କୁ ଗୋଟିଏ ଦିନରେ ଟଙ୍କା ୩୦୦ ଶହ ମଜୁରି ଦେଉଥିବା କଥା ଶିଶୁ ଶ୍ରମିକମାନେ ଗଣମାଧମ ପ୍ରତିନିଧି ଆଗରେ ଜଣାଇଛନ୍ତି । ଏପରି କି ଘରୋଇ ଠିକା ସଂସ୍ଥା



ନାରେ ଶ୍ରମିକ ସୋଷଣ କରାଯାଉଥିବା କଥା ଅଭିଯୋଗ ହେଉଛି । ସୁରକ୍ଷା ଦୃଷ୍ଟିକୋଣ ରୁ ସେଫଟି କୀଟ ଯୋଗାଇବା ନିୟମ ରହିଥିବା ବେଳେ ଘରୋଇ ଠିକା ସଂସ୍ଥା ନାଁରେ ନିୟମ ଅବମାନନା କରୁଥିବା ଅଭିଯୋଗ ହେଉଅଛି । ଶ୍ରମ ଆକ୍ଟ ୧୨୪୮ ଅନୁଯାୟୀ ଗୋଟିଏ ସପ୍ତାହ ରେ ଗୋଟିଏ ଦିନ ଛୁଟିର ପ୍ରାବଧାନ ଥିବା ବେଳେ କିନ୍ତୁ ଠିକା ସଂସ୍ଥା ର ଶୋଷଣ ନିତି ଯୋଗୁଁ ଶ୍ରମିକମାନେ ଛୁଟି ଦିନରେ ମଧ ୧୨ ଘଣ୍ଟା କାମ କରୁଛନ୍ତି । ବିହାର ଓ ବେଙ୍ଗଲ ରାଜ୍ୟ ରୁ ଆସିଥିବା ଶ୍ରମିକକ୍ଷ ନିଜ ଅଞ୍ଚଳରେ ଉନ୍ନତି କରଣ କାମରେ ଆଖ ପାଖ ଅଞ୍ଚଳ ର ଶ୍ରମିକ ମାନଙ୍କୁ ସୁଯୋଗ ନ ଦେଇ ଥିବାରୁ ଉତ୍ତେଜନା ସୃଷ୍ଟି ହେବାର ଆସଙ୍କା ରହିଛି । ଅନେକ ଅଭିଯୋଗ ଓ ବିବାଦ ଘେରରେ କଲିକତା ର ଘରୋଇ ଠିକା ସଂସ୍ଥାର କାମ ମାନ ଜାଞ୍ଚ କରିବା ସହିତ ଲେବର ଭାୟୋଲେସନ ଆକ୍ଟ ପାଇଁ କାର୍ଯ୍ୟାନୁଷ୍ଠାନ ଦାବି ହେଉଛି ।

# କେନ୍ଦୁଝରରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ

**ପାଟଣା,(ନି.ପ୍ର) :** କେନ୍ଦୁଝର ଜିଲ୍ଲା ପାଟଣା ଓ ଘଟଗାଁ ବ୍ଲକ ର ବିଭିନ୍ନ ଗ୍ରାମରେ ରାଜ୍ୟର ଅନ୍ୟତମ ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ପିପୁଲସ୍ କଲଚରାଲ୍ ସେଣ୍ଟର ପିକକ୍ ଦ୍ୱାରା ଆନ୍ତର୍ଜାତୀୟ ମହିଳା ଦିବସ ପାଳନ କରାଯାଇଛି । ମାନବ ସମାଜରେ ନାରୀର କାୟା ମେରୁ ଶୃଙ୍ଗ ପରି ଏଣୁ କୁହାଯାଏ ନାରୀ ମାନେ ହସିଲେ ମା ଧରିତ୍ରୀ ହସେ ବୋଲି । ଏହି କାରଣ ସ୍ୱରୂପ ମହିଳାମାନଙ୍କ ପ୍ରତି ସମ୍ମାନ, ପ୍ରଶଂସା , ରାଜନୈତିକ ଓ ସାମାଜିକ ଉପଲବ୍ଧି କୁ



ଲୋକ ଲୋଚନକୁ ଆଣିବା ପାଇଁ ମହିଳା ଦିବସ ପାଳନ କରାଯାଉଛି । ଏହି ଅବସରରେ ମହିଳା ମାନଙ୍କ ମନୋବଳକୁ ଦୃଢ଼ କରିବା ନିମନ୍ତେ ଘଟଗାଁ ବ୍ଲକ ବଡ଼ଜାମୂପଶି ପଞ୍ଚାୟତ ଓ ପାଟଣା ବ୍ଲକ ଅନ୍ତର୍ଗତ ଡୁମୁରିଆ ପଞ୍ଚାୟତର ବିଭିନ୍ନ ଗ୍ରାମର ମହିଳା ମାନଙ୍କ ମଧ୍ୟରେ କବାଡି ଖେଳ, ଫୁଟବଲ ଖେଳ, ଚିତ୍ରାଙ୍କନ ପ୍ରତିଯୋଗିତା, ସାଧାରଣ ସଭା, ସଂଗୀତ ଗାୟନ ପ୍ରତିଯୋଗିତା ଇତ୍ୟାଦିର ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ୧୫୦ ରୁ ଉର୍ଦ୍ଧ୍ୱ ମହିଳା ଭାଗନେଇଥିଲେ । ପିକକ୍ ସମ୍ପାଦକ ରଞ୍ଜନ କୁମାର ମହାନ୍ତି ଓ ପିକକ୍ ର କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶିକା ଅନୁରାଧା ମହାନ୍ତିଙ୍କ ପ୍ରୋତ୍ସାହନ ଓ ପ୍ରେରଣା ରେ ତଥା ପିକକ୍ ର ଜିଲ୍ଲା ସଂଯୋଜକ ସତ୍ୟ ନାରାୟଣ ମହାନ୍ତଙ୍କ ନେତୃତ୍ୱ ରେ ଏହି କାର୍ଯ୍ୟକ୍ରମର ଆୟୋଜନ କରଯାଇଥିଲା । ପିକକ୍ ର ଦ୍ରୌପଦୀ, ଝସକେତନ, ସୁନେଲି, ମେଘମାଳା, ସୁଚିତ୍ରା, ଲକ୍ଷ୍ମୀକାନ୍ତ ପ୍ରମୁଖ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ ।

# ପାଟଣା ବ୍ଲକରେ ୱାଟରସେଡ ଯାତ୍ରା

**ପାଟଣା,(ନି.ପ୍ର) :** ଆଜି ଏକ କାର୍ଯ୍ୟକ୍ରମ ରେ କେନ୍ଦୁଝର ର ମାଉଣ୍ଟେନ୍ ମ୍ୟାନ ଭାବେ ସୁପରିଚିତ ପଦ୍ମଶ୍ରୀ ଦୈତାରୀ ନାଏକ ଜଳ ସଂଗ୍ରହ ଓ ଜଳର ସଦୁପଯୋଗ ପାଇଁ ଜନସାଧାରଣ କୁ ଆହ୍ୱାନ ଜଣାଇଛନ୍ତି। ଆଜି ପ୍ରଧାନମନ୍ତ୍ରୀଙ୍କ କୃଷି ସିଞ୍ଚାଇ ଯୋଜନା ଅନ୍ତର୍ଗତ ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ଉନ୍ନୟନ ବିଭାଗ କେନ୍ଦୁଝର ଙ୍କ ପକ୍ଷରୁ ପାଟଣା ବ୍ଲକ ଅନ୍ତର୍ଗତ ଚିନାମାଳିପଶି ପଞ୍ଚାୟତ ର କେତାଙ୍ଗ ଏବଂ ଡୁମୁରିଆ ପଞ୍ଚାୟତ ମୁଖ୍ୟାଳୟ ରେ ଜିଲ୍ଲା ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ଅଶୋକ କୁମାର ସେନାପତି ଙ୍କ ସଭାପତିତ୍ୱରେ ୱାଟର ସେଡ ଯାତ୍ରା ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମ ରେ ଡିସ୍ପ୍ଲେ ଭ୍ୟାନ ରେ ଲାଗିଥିବା ବଡ଼ ଏଲ ଇ ଡି ମାଧ୍ୟମ ରେ ମୃତ୍ତିକା ଓ ଜଳ ସଂରକ୍ଷଣ ଆତ୍ମନିର୍ଭରଶୀଳତା ର ବାର୍ତ୍ତା ଦିଆଯିବା ସହ କାର୍ଯ୍ୟକ୍ରମ ରେ ହିତାଧିକାରୀଙ୍କ ପୋଖରୀ ଖନନ ପାଇଁ ଭୂମି ପୂଜା ,ବୃକ୍ଷ ରୋପଣ ସହ କାର୍ଯ୍ୟକ୍ରମ ଉପଲକ୍ଷେ ଅନୁଷ୍ଠିତ କୁଇଜ୍ ପ୍ରତିଯୋଗିତାର କୃତୀ ଛାତ୍ର ଛାତ୍ରୀ ଏବଂ ୱାଟର ସେଡ ଯୋଦ୍ଧା ମାନଙ୍କୁ ଏହି ଅବସରରେ ଅତିଥି ମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଛି। କେତାଙ୍ଗ ଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମ କୁ ପ୍ରଶାନ୍ତ କୁମାର ପଲେଇ ସଂଯୋଜନା କରିଥିବାବେଳେ ମୁଖ୍ୟ ଅତିଥି ଭାବେ ପାଟଣା ବ୍ଲକ ଅଧକ୍ଷା ବୀଣାପାଣି ନାୟକ , ସମ୍ମାନୀତ ଅତିଥି ଭାବେ ବିଡ଼ିଓ ମାନସ କୁମାର ଦଣ୍ଡପାଟ ,ଜଳ ବିଭାଜିକା ଏପିଡି ବନମାଳୀ ପାତ୍ର,




ପୂର୍ବତନ ବ୍ଲକ ଅଧକ୍ଷ ବିଶ୍ୱନାଥ ନାୟକ ,ସି ଡି ଭି ଓ ଚନ୍ଦ୍ର ଶେଖର ରଥ, ବିଭିଓ ଡକ୍ଟର ସତ୍ୟ ପ୍ରକାଶ ଦ୍ୱିବେଦୀ ,ସହକାରୀ ମତ୍ସ୍ୟ ଅଧିକାରୀ ସଞ୍ଜୟ ନାଏକ , ସାଂସଦ ଙ୍କ ଜଳ ବିଭାଜିକା ପ୍ରତିନିଧି ମହେନ୍ଦ୍ର ନାଏକ ପ୍ରମୁଖ ଯୋଗଦେଇ ମୃତ୍ତିକା ସଂରକ୍ଷଣ, ବର୍ଷା ଜଳ ସଂଗ୍ରହ ,ଜଳ ଉତ୍ସ ର ଆବଶ୍ୟକତା ଓ ଏହାର ସଠିକ୍ ଉପଯୋଗ କରି ଆତ୍ମନିର୍ଭରଶିଳ ହେବା ମାଧ୍ୟମ ଉପରେ ଉପସ୍ଥିତ ହଜାର ହଜାର ବ୍ୟକ୍ତି ଙ୍କୁ ମାର୍ଗ ଦର୍ଶନ ଦେବା ସହ ବିଭାଗୀୟ ଯୋଜନା ର ସୂଚନା ଦେଇଥିଲେ। ଜଳ ବିଭାଜିକା ଏପିଡି ପ୍ରଦୀପ ରାଉତ ଓ ଦିପ୍ତିମୟୀ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।ସେହିପରି ଡୁମୁରିଆ ପଞ୍ଚାୟତ ମୁଖ୍ୟାଳୟ ରେ ଅନୁଷ୍ଠିତ ଅନୁରୂପ କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ ଯୋଗ ଦେଇ ଜମି,ଜଳ,ଜଙ୍ଗଲ, ଜୀବିକା, ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଜଳ ବିଭାଜିକା ର ମହତପୂର୍ଣ୍ଣ ଅଂଶ ହେବାକୁ ସେ ଜନ ସାଧାରଣ ଙ୍କୁ ଆହ୍ୱାନ ଦେଇଥିଲେ। ବରେଣ୍ୟ ଅତିଥି ପଦ୍ମଶ୍ରୀ ଦୈତାରୀ ନାଏକ ଜଳ ର ସଂଗ୍ରହ ଓ ଜଳ ର ସଦୁପଯୋଗ ପାଇଁ ଲୋକ ମାନଙ୍କୁ ପରାମର୍ଶ ଦେଇଥିଲେ ।ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧକ୍ଷା ବୀଣାପାଣି ନାଏକ ,ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରାଧାକାନ୍ତ ମହାନ୍ତ ସାଂସଦ ପ୍ରତିନିଧି ପ୍ରହଲ୍ଲାଦ ପଲେଇ , ବିଧାୟକ ଙ୍କ ପ୍ରତିନିଧି କମଳାକାନ୍ତ ଦାଶ,ପାଟଣା ବିଡ଼ିଓ ମାନସ କୁମାର ଦଣ୍ଡପାଟ , ଡୁମୁରିଆ ସରପଞ୍ଚ ଗୌରହରି ନାଏକ , ଏରେଣ୍ଡେଇ ସରପଞ୍ଚ,ପାର୍ବତୀ ଦେହୁରୀ ,ଜିଲ୍ଲା ପରିଷଦ ସଦସ୍ୟା ରୁନୁ ମହନ୍ତ, ଡୁମୁରିଆ ସମିତି ସଭ୍ୟା ଜୟନ୍ତୀ ନାଏକ, ପଲାଶଘାଟି ସମିତି ସଭ୍ୟ ବିଶ୍ୱନାଥ ନାୟକ ପ୍ରମୁଖ ଯୋଗ ଦେଇ ଜଳ ର ଗୁରୁତ୍ୱ କେତେ ଆବଶ୍ୟକତା ରଖେ ତାହାର ବିଭିନ୍ନ ଦିଗ ଉପରେ ଜନ ସାଧାରଣ ଙ୍କୁ ଉଦବୋଧନ ଦେଇଥିଲେ। ଡୁମୁରିଆ କାର୍ଯ୍ୟକ୍ରମ ରେ ସମସ୍ତ ବିଭାଗୀୟ ଅଧିକାରୀ ସାମିଲ ଥିବାବେଳେ ମୃତ୍ତିକା ସଂରକ୍ଷଣ ବିଭାଗ ର ଅଧିଦର୍ଶକ ଅରୁଣ କୁମାର ଜେନା କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ।

# ଆମ ସଂସ୍କୃତି ଆମ ଖେଳନା

**ଦଶପଲ୍ଲା,(ନି.ପ୍ର) :** ଶୁକ୍ରବାର ଦଶପଲ୍ଲା ବ୍ଲକ ତେଣ୍ଡାବାଡି ପଞ୍ଚାୟତ କୁସୁମକଣ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ 'ଆମ ସଂସ୍କୃତି ଆମ ଖେଳନା ' କାର୍ଯ୍ୟକ୍ରମ ର ଆୟୋଜନ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଜୟ କୁମାର ଘଡ଼େଇ ଙ୍କ ଅଧକ୍ଷତାରେ ଆୟୋଜିତ ଏକ ସଭାରେ ଅତିଥି ରୂପେ ସିଆରସିସି ସରୋଜ କୁମାର ସାହୁ ,ଡ଼ା.ପ୍ରଫୁଲ୍ଲ କୁମାର ଦାଶ, ପରିଚାଳନା କମିଟି ସଭାପତି ଅମର କୁମାର ବେହେରା, ମୋ ସ୍କୁଲ ସଭାପତି ଭାସ୍କର ବେହେରା, ୱାଡ ମେମ୍ବର ସବିତା ମାଝି,ଅବସରପ୍ରାପ୍ତ ଶିକ୍ଷକ ଯୁଗଳ କିଶୋର ବେହେରା, ପ୍ରମୁଖ ଉପସ୍ଥିତ ଥିଲେ । ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ହାତ ତିଆରି କିଛି ଖେଳନା ପ୍ରଦର୍ଶନ କରାଯିବା ସହ ପ୍ରତି ଶ୍ରେଣୀରେ ଅଧିକ ନମ୍ବର ରଖିଥିବା ୫ଟି ଶ୍ରେଣୀର ୧୫ଜଣ ଛାତ୍ର ଛାତ୍ରୀ ଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଏଥିସହିତ ପରିଚାଳନା କମିଟି ସଦସ୍ୟ ମାନଙ୍କୁ ମଧ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମରେ ଶୁଭ ଲକ୍ଷ୍ମୀ, ତପସ୍ୱିନୀ, ପଦ୍ମାବତୀ, ରଜନୀ ପ୍ରଭୃତି ଛାତ୍ରୀ ମାନେ ନୃତ୍ୟ ପରିବେଷଣ କରିଥିଲେ। ଶେଷରେ ଶିକ୍ଷକ ସନ୍ତୋଷ ହୋତା ଧନ୍ୟବାଦ ଅର୍ପଣ କରିଥିଲେ।



# ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ

**ଦଶପଲ୍ଲା,(ନି.ପ୍ର) :** ଶନିବାର ଦଶପଲ୍ଲା ରେ ଆନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି, ଏହି ଉପଲକ୍ଷେ ସ୍ଥାନୀୟ ଏନ୍ ଏସି କାର୍ଯ୍ୟାଳୟ ଠାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଏନ୍ ଏସି ଚେୟାରମେନ ଇସ୍ୱ ପୁନମ ପ୍ରିୟଦର୍ଶିନୀ, ସାଂସଦ ପ୍ରତିନିଧି ଅଞ୍ଜନଦାଶ, ଏନ୍ ଏସି ର କର୍ମଚାରୀ ସମେତ ବହୁ କାଉନସିଲର ଯୋଗଦାନ କରିଥିଲେ, ମହିଳା ଦିବସ ଉପରେ ଅତିଥି ମାନେ ଉଦବୋଧନ ଦେଇଥିଲେ।




# ମହାପୁରୁଷଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ



**ଦଶପଲ୍ଲା,(ନି.ପ୍ର) :** ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ନଛିପୁର ଠାରେ ଆନ୍ତର୍ଜାତୀୟ ମହିଳା ଦିବସ ଏବଂ ମହା ପୁରୁଷ ମଧୁ ବାବୁ, ଗୋପବନ୍ଧୁ ଏବଂ ନେତାଜୀ ସୁବାଷ ଚନ୍ଦ୍ର ବୋଷ ଙ୍କ ପ୍ରତି ମୂର୍ତ୍ତି ସ୍ଥାପନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି, ଆୟୋଜିତ ଉତ୍ସବରେ ବିଦ୍ୟାଳୟ ର ପ୍ରଧାନ ଶିକ୍ଷୟିତ୍ରୀ ସଂଜୀବନୀ ସାମଲ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ପୁରୀ ଉତ୍କଳ ସ୍ୱାଭିମାନ ମଞ୍ଚର ସଭାପତି ରାଧାକାନ୍ତ ଦାଶ ମୁଖ୍ୟ ଅତିଥି ଭାବେ ଯୋଗ ଦାନ କରି ଯୁଗ ପୁରୁଷ ମାନଙ୍କର ଜୀବନୀ ଛାତ୍ରୀ ଛାତ୍ର ଙ୍କୁ ଉଦବୋଧନ ଦେଇଥିଲେ,ସ୍ୱାଭିମାନ ମଞ୍ଚର ବହୁ ସଦସ୍ୟ ମଧ ଉତ୍ସବ ରେ ଯୋଗ ଦେଇଥିଲେ କ୍ଷ ଶେଷରେ ପ୍ରଧାନ ଶିକ୍ଷୟିତ୍ରୀ ସାମଲ ଯୁଗ ପୁରୁଷ ମାନଂକର ବିଷୟରେ ପିଲାମାନଙ୍କୁ ବୁଝାଇଥିଲେ ଏବଂ ସମସ୍ତ ଙ୍କୁ ଅତିଥି ମାନଙ୍କୁ ଧନ୍ୟବାଦ ଦେଇ ଥିଲେ, ଉତ୍ସବ ରେ ବିଦ୍ୟାଳୟ ସମସ୍ତ ଶିକ୍ଷୟିତ୍ରୀ ଏବଂ ଶିକ୍ଷକ ବୃନ୍ଦ ଯୋଗଦାନ କରିଥିଲେ।

# ବ୍ଲକ୍‌ସ୍ତରୀୟ ଶିକ୍ଷଣ ଉପକରଣ ପ୍ରସ୍ତୁତି କର୍ମଶାଳା

**ଟିଟିଲାଗଡ଼,(ନି.ପ୍ର) :** ଶନିବାର ଦିନ ଜାମପଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଟିଟିଲାଗଡ଼ ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ ଶ୍ରୀ ଅଭିରାମ ମାଝୀ ଙ୍କ ଦ୍ୱାରା ଗୋଷ୍ଠୀ ସ୍ତରୀୟ ଶିକ୍ଷଣ ଉପକରଣ ପ୍ରସ୍ତୁତି କର୍ମଶାଳା ଅନଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମ ଦୁଇଟି ପର୍ଯ୍ୟାୟ ରେ ହେଇଥିଲା। ଉକ୍ତ କାର୍ଯକ୍ରମ ରେ ଖୋଲାନ ଗ୍ରାମ ପଞ୍ଚାୟତ ର ସରପଞ୍ଚ ଶ୍ରୀଯୁକ୍ତ ନରେଶ ଅଗ୍ରୱାଲ ମୂଖ୍ୟ ଅତିଥି ଏବଂ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ତଥା ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ ଶ୍ରୀଯୁକ୍ତ ଅଭିରାମ ମାଝୀ ଓ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀଯୁକ୍ତ କୋଦଣ୍ଡ ଧର ଭୋଇ ସମ୍ମାନୀତ ଅତିଥି ଭାବରେ ଯୋଗଦେଇ ଥିଲେ । ପ୍ରଥମେ ଅତିଥି ଗଣ ମା ସରସ୍ୱତୀ ଙ୍କୁ ପୁଷ୍ପ , ଦୀପ ଦେଇ କାର୍ଯ୍ୟକ୍ରମ ର ଶୁଭାରମ୍ଭ କରିଥିଲେ ଏବଂ ଶିକ୍ଷକ/ଶିକ୍ଷୟିତ୍ରୀ ଙ୍କୁ ସ୍ୱାଗତ ଜଣାଇବା ସହ ଓଡିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ




ପ୍ରାଧିକରଣ ଙ୍କ ଆଦେଶ ଅନୁଯାୟୀ ଏହି ଶିକ୍ଷଣ ଉପକରଣ ପ୍ରସ୍ତୁତି କର୍ମଶାଳା ର ବିଭିନ୍ନ ବିଷୟ ବସ୍ତୁ ଉପରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରିଥିଲେ । ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ ହାସଲ କରିବା ପାଇଁ ଶିକ୍ଷକ ଙ୍କ ଭୂମିକା ଏବଂ ନିର୍ଦ୍ଧାରିତ ସମୟସୀମା ଭିତରେ ସମ୍ପୂର୍ଣ୍ଣ ଭାବରେ ସଫଳତା କିପରି କରାଯିବ ସେ ଦିଗ ପ୍ରତି ଦୃଷ୍ଟି ଆକର୍ଷଣ କରିଥିଲେ । ଛାତ୍ର/ଛାତ୍ରୀ ଙ୍କ ସାମଗ୍ରିକ ବିକାଶ ପାଇଁ ଜ୍ଞାନ ର କାର୍ଯ ଦକ୍ଷତା ମୂଲ୍ୟାଙ୍କନ , ସମୀକ୍ଷା ଏବଂ ବିଶ୍ଳେଷଣ ଓ ସଠିକ୍ ଶିକ୍ଷଣ ଉପକରଣ ବ୍ୟବହାର ଉପରେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଆଲୋକପାତ କରିଥିଲେ ଓ ଶିକ୍ଷକ ମାନଙ୍କୁ ଅନୁରୋଧ କରିଥିଲେ ଯେ ବିଭିନ୍ନ ଶିକ୍ଷଣ ଉପକରଣ ବ୍ୟବହାର କରି ଛାତ୍ର ଛାତ୍ରୀ ଙ୍କ ଧାରଣା କୁ ସ୍ୱଷ୍ଟ କରିବେ । ଜାମପଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ବିଶ୍ୱନାଥ ମିଶ୍ର ଙ୍କ ସମସ୍ତ କ୍ଲଷ୍ଟର ରୁ ଯୋଗ ଦେଇଥିବା ସହ ସହକାରୀ ଶିକ୍ଷକ/ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ ।

# ନୂଆଗାଁ ମହୋତ୍ସବ ଉଦ୍‌ଯାପିତ

**ନୂଆଗାଁ ବ୍ଲକ,(ନି.ପ୍ର) :** ନୟାଗଡ ଜିଲ୍ଲା ନୂଆଗାଁ ମହୋତ୍ସବ ଆଜି ଉଦଯାପିତ ହୋଇଯାଇଛି। ଆଜିର ଶେଷ ଦିବସରେ ସୁପ୍ରସିଦ୍ଧ କଣ୍ଠଶିଳ୍ପୀ ଅନ୍ତରା ଚକ୍ରବର୍ତୀ ମୁଖ୍ୟ ଆକର୍ଷଣ ସାଜିଥିବା ବେଳେ ରାବଣଛାୟା, ସମ୍ବଲପୁରୀ, ଓଡିଶୀ ଏବଂ ମଡର୍ଣ୍ଣ ଡ୍ୟାନ୍ସ ଦର୍ଶକଙ୍କ ମନ ଛୁଇଁଥିଲା। ଆଜି ଶେଷ ସନ୍ଧ୍ୟାରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ନୂଆଗାଁ ବିଡିଓ ଡ ଅମୃତ କୁମାର ରାଉଳ, ରାଜ୍ୟ ବିଜେପି ଯୁବମୋର୍ଚ୍ଚା ସଭାପତି ଅଭିଳାଷ ପଣ୍ଡା, ସନ୍ୟାସୀ ନାୟକ, ସନ୍ତୋଷ ପ୍ରଧାନ, ଭୀମସେନ ସେଠୀ, ନୂଆଗାଁ ବ୍ଲକ ଉପାଧ୍ୟକ୍ଷ ପର୍ଶୁରାମ ସ୍ୱାଇଁ, ନୂଆଗାଁ ମହୋତ୍ସବ କମିଟି ସମ୍ପାଦକ ଶିବରାମ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ନୟାଗଡ ଜିଲ୍ଲା ଓଟିଭିର ସାମ୍ବାଦିକ ଜୟେନ୍ଦ୍ର ବେହେରା ମଂଚ



ପରିଚାଳନା କରିଥିଲେ। ମହୋତ୍ସବ ନୂଆଗାଁ ଅଂଚଳର ଏକ ଗଣପର୍ବ। ନୂଆଗାଁ ଅଂଚଳର ସ୍ଥାନୀୟ କଳା, ସଂସ୍କୃତି ଓ ଐତିହ୍ୟକୁ ମହୋତ୍ସବ ମାଧମରେ ଲୋକଲୋଚନକୁ ଅଣାଯାଉଥିବା ବେଳେ ଏଥିରେ ଜନସାଧାରଣଙ୍କ ଠାରୁ ଆରମ୍ଭ କରି ପ୍ରଶାସନିକ ଅଧିକାରୀଙ୍କ ପର୍ଯ୍ୟନ୍ତ ସମସ୍ତଙ୍କର ସହଯୋଗ ରହିଥିବା ନେଇ ଅତିଥି ମାନେ ମତ ପ୍ରକାଶ କରିଥିଲେ। ପାଂଚାଳୀ ଡ୍ୟାନ୍ସ ଗ୍ରୁପର କଳାକାର ମାନଙ୍କ ଦ୍ୱାରା ପରିବେଶଣ କରାଯାଇଥିବା ନୂଆଗାଁ ବନ୍ଦନା ଦର୍ଶକଙ୍କ ମନକୁ ଛୁଇଁଥିଲା । ଶ୍ରୀରାମ ଇନଷ୍ଟିଚ୍ୟୁଟ ଅଫ ସ୍ୟାଡୋ ଥିଏଟରର ରାବଣଛାୟା, ସ୍ମୃତିକଳା କେନ୍ଦ୍ର, ବାଦ୍ୟଧ୍ୱନି ଅନୁଷ୍ଠାନ ପକ୍ଷରୁ କଳା ପରିବେଶଣ କରାଯାଇଥିଲା। ଏଥିସହିତ ନୂଆଗାଁ ଅଂଚଳରେ କାର୍ଯ୍ୟରତ ଥିବା ସାମ୍ବାଦିକ, ମହୋତ୍ସବ କମିଟିର କର୍ମକର୍ତା, ଏନଏସଏସ, ୱାଇଆରସି, ସ୍କାଉଡ ଛାତ୍ରଛାତ୍ରୀ ମାନଙ୍କୁ ମହୋତ୍ସବ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ସରକାରୀ ପ୍ରାଥମିକ ବିଦ୍ୟାଳୟ କରବରର ଶତବାର୍ଷିକ ପୂର୍ତ୍ତି ସମାରୋହ

**ଭାପୁର,(ନି.ପ୍ର) :** ଭାପୁର ବ୍ଲକ କରବର ଗ୍ରାମସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟର ଶତବାର୍ଷିକ ପୂର୍ତ୍ତି ସମାରୋହ ଶନିବାର ସନ୍ଧ୍ୟାରେ ଉଦ୍ଘାଟିତ ହୋଇଯାଇଛି। ଏହି ସମାରୋହ ଉତ୍ସବ ବିଦ୍ୟାଳୟ ପରିସରରେ ୩ ଦିନ ପର୍ଯ୍ୟନ୍ତ ଗ୍ରାମବାସୀ, ବିଦ୍ୟାଳୟର ପୁରାତନ ଛାତ୍ରଛାତ୍ରୀ, ବ୍ଲକ ପ୍ରଶାସନ, ସ୍ଥାନୀୟ ବିଧାୟକ ପ୍ରମୁଖଙ୍କ ସହଯୋଗରେ ଅନୁଷ୍ଠିତ ହୋଇଛି । ବିଦ୍ୟାଳୟର ଶତବାର୍ଷିକ ପାଳନ ଉପଲକ୍ଷେ ଏହି ତିନି ଦିନ ଗ୍ରାମରେ ଏକ ମହୋତ୍ସବ ପାଳିତ ହେଉଥିବାର ଦେଖାଦେଇଛି । ଏହି ପରିପ୍ରେକ୍ଷୀରେ, ଶନିବାର ପୂର୍ବାହ୍ନରେ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ଏକ ମଶାଲ ଶୋଭାଯାତ୍ରା ଗ୍ରାମର ଆରାଧ ଦେବ ନୀଳକଣ୍ଠେଶ୍ୱର ମନ୍ଦିର ରୁ ବାହାରି ଶିକ୍ଷା ମନ୍ଦିର ପର୍ଯ୍ୟନ୍ତ ଆସି ଦୈନିକ କାର୍ଯ୍ୟକ୍ରମ



ଆରମ୍ଭ ହୋଇଥିଲା । ସନ୍ଧ୍ୟା ସମୟରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ଅଭିନୀତ ଗୀତିନାଟ୍ୟ ' ନ ପାହୁ ରାତି, ନ ମରୁ ପତି ' ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ଆଜି ଉକ୍ତ ଉଦ୍ଘାଟନୀ ଉତ୍ସବରେ ଆୟୋଜିତ ସଭାରେ ସ୍ଥାନୀୟ ବିଧାୟକ ଇଂ ଦୁଷ୍ମନ୍ତ କୁମାର ସ୍ୱାଇଁ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ବିଜ୍ଞାନ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗ ଦେଇଥିବାବେଳେ, ମୁଖ୍ୟବକ୍ତା ଭାବେ ନୟାଗଡ ବିଧାୟକ ଡ.ଅରୁଣ କୁମାର ସାହୁ, ସମ୍ମାନୀତ ଅତିଥି ଭାବେ ବଡମ୍ବା ବିଧାୟକ ବିଜୟ କୁମାର ଦଳବେହେରା, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ମଦନ ମୋହନ ପ୍ରଧାନ, ଭାପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ସାରଦା ପ୍ରସନ୍ନ ପଣ୍ଡା, କରବର ସରପଞ୍ଚ ଉଷାରାଣୀ ସାହୁ, ସମିତିସଭ୍ୟ ତପନ କୁମାର ମହାପାତ୍ର, ଭାପୁର ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ପ୍ରମୁଖ ଉପସ୍ଥିତ ଥିଲେ। ମଞ୍ଚାସିନ ଅତିଥି ମାନଙ୍କ ଦ୍ୱାରା ଶତ ବାର୍ଷିକ ଉତ୍ସବ ମୁଖପତ୍ର ' ଆଦ୍ୟଭୂମି' ସ୍ମରଣିକା ଉନ୍ମୋଚନ କରାଯାଇଥିଲା। ଖଣ୍ଡପଡ଼ାରେ ବିଜ୍ଞାନ ପାର୍କ ହେବା ସହିତ ପଠାଣି ସାମନ୍ତ ପ୍ଲାନଟରୀୟମ ଖୁବ୍ ଶୀଘ୍ର ନିର୍ମାଣ ପାଇଁ ମନ୍ତ୍ରୀ ଶ୍ରୀଯୁକ୍ତ ପାତ୍ର ଘୋଷଣା କରିଥିଲେ । ବିଦ୍ୟାଳୟର ପ୍ରଧାନଶିକ୍ଷକ ନୀଳମଣି ସାହୁ ସଂପାଦକୀୟ ବିବରଣୀ ପଠନ କରିବା ସହିତ ବାଲୁଙ୍କେଶ୍ୱର ଦେବ ବିଦ୍ୟାପୀଠ ଭାପୁର ର ପ୍ରଧାନ ଶିକ୍ଷକ ନିତ୍ୟାନନ୍ଦ ଦାସ ସଭାରେ ସଂଯୋଜନା କରିଥିଲେ । ଶେଷରେ ମଞ୍ଚାସିନ ଅତିଥି ମାନଙ୍କ ଦ୍ୱାରା ବିଭିନ୍ନ ବର୍ଗର ପ୍ରତିଭା, ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ଓ ସ୍ୱର୍ଗତ ପ୍ରଧାନ ଶିକ୍ଷକ ଙ୍କ ଉତ୍ତରାଧିକରୀ ମାନଙ୍କୁ ମାନପତ୍ର, ଉପଢୌକନ, ପୁଷ୍ପଗୁଚ୍ଛ ଦେଇ ସମ୍ମାନୀତ କରାଯାଇଥିଲା।

# ମିଛ ଖବର ପ୍ରସାରଣ ପଡ଼ିଲା ମହଙ୍ଗା

## ସାମ୍ବାଦିକଙ୍କ ନାମରେ ଥାନାରେ ମାମଲା ରୁଜୁ
## ଆକ୍ରୋଶ ମୂଳକ ଖବର ପ୍ରକାଶରେ ସ୍ଥାନୀୟ ଲୋକେ ଅତିଷ୍ଠ

**ଓଡଗାଁ ,(ନି.ପ୍ର) :** ସମ୍ବାଦ ସାମ୍ବାଦିକ ସୁନୀଲ ପଟ୍ଟନାୟକଙ୍କୁ ଉତ୍ତମ ମଧ୍ୟମ ଦେଲେ ଲୋକେ । ମିଛ ଖବର ପ୍ରସାରଣ କରି ଡାକ୍ତରଙ୍କୁ ମାଗୁଥିଲେ ଟଙ୍କା । ନୟାଗଡ ଜିଲ୍ଲା ଓଡଗାଁ ବ୍ଲକ ସମ୍ବାଦରେ କାର୍ଯ୍ୟରତ ସାମ୍ବାଦିକଙ୍କ କାରନାମା ଏବେ ଦାଣ୍ଡରେ ପଡି ହାଟରେ ଗଡୁଛି । । ଟଙ୍କା ଲୋଭରେ ଲଗାତାର କିଛି ଦିନ ତଳେ ସ୍ଥାନୀୟ ଡାକ୍ତର ଏବଂ ଡାକ୍ତରଖାନା ବିରୁଦ୍ଧରେ ଖବର ପ୍ରସାରଣ କରି ଚାନ୍ଦା ମାଗୁଥିଲେ ଫଳରେ ଅତିଷ୍ଠ ହୋଇ ବରିଷ୍ଠ ଡାକ୍ତରଙ୍କ ଠାରୁ ଆୟୁଷ ଡାକ୍ତର ରୋଗୀ ସେବାରୁ ମୁହଁ ଫେରାଇ ଛୁଟିରେ ଯିବା ପାଇଁ ସ୍ଥିର କରିଥିଲେ । ଯାହା ନେଇ ଅଚଳ ବାସିନ୍ଦାଙ୍କ ମନରେ ଅସନ୍ତୋଷ ବଢ଼ି ଚାଲିଥିଲା । ସେହିପରି ତା ୬/୩/ ୨୦୨୫ରିଖ ଗୁରୁବାର ଦିନ ରାକେଶ କୁମାର ନାୟକ ନିଜ ଗର୍ଭବତୀ ସ୍ତ୍ରୀକୁ




ଡାକ୍ତରଙ୍କ ପରାମର୍ଶ ପାଇଁ ଡାକ୍ତରଖାନା ନେଇ ଯାଉଥିବା ସମୟରେ ଡାକ୍ତରଖାନା ଗହଳି ଥିବା ବେଳେ ସାମ୍ବାଦିକ ଜଣଙ୍କ ରାସ୍ତା ଉପରେ ଠିଆ ହୋଇଥିବାବେଳେ ରାକେଶ ତାଙ୍କୁ ଟିକେ ସାଇଡ ହେବା ପାଇଁ ଅନୁରୋଧ କରିଥିଲେ ଏତିକି ରେ ସାମ୍ବାଦିକ ଜଣଙ୍କ ରାଗି ଉତକ୍ଷିପ୍ତ ହୋଇ ରାକେଶ ଙ୍କୁ ଧକ୍କା ଦେବା ସହ ଜାତିଆଣ ଆକ୍ଷେପ କରି ଏକ ଶକ୍ତ ଚାପୁଡ଼ା ମାରିଥିଲେ । ପରେ ରାକେଶ ଓଡଗାଁ ଥାନାର ଦ୍ଵାରସ୍ଥ ହୋଇଥିଲେ ଏବଂ ଓଡଗାଁ ଥାନାରେ ସାମ୍ବାଦିକଙ୍କ ନାମରେ ମାମଲା ରୁଜୁ ହୋଇଥିବା ଜଣାପଡିଛି । ତେବେଜଣେ ସାମ୍ବାଦିକ ହୋଇ ଜନସାଧାରଣଙ୍କ ନିକଟତର ହେବା ପରିବର୍ତ୍ତେ ସମ୍ବାଦ କୁ ଢାଲ କରି ଲୋକ ଉପରେ ଚାପ ପକେଇ ମାଡ଼ ମାରିବାକୁ ଅଞ୍ଚଳ ବସି ସହଜରେ ଗ୍ରହଣ କରିପାରୁନାହାନ୍ତି । ଉକ୍ତ ସାମ୍ବାଦିକ ପୂର୍ବରୁ ନୂଆଗାଁ ବ୍ଲକରେ କାର୍ଯ୍ୟରତ ଥିବା ସମୟରେ ଜଣେ ନାବାଳିକାଙ୍କ ସହ ଅସଦାଚରଣ କରି ପୋସ୍କୋ ଆକ୍ଟରେ ଗିରଫ ହୋଇ ଜେଲ ଜିବା ପରେ ମାମଲା ସମାଧାନ କରିଥିଲେ । ଓଡଗାଁ ସମ୍ବାଦ ପ୍ରତିନିଧି ଭାବରେ ଯୋଗ ଦେଇଥିଲେ । ଏଭଳି ଚାନ୍ଦା ଆଦାୟ ପାଇଁ ମିଛ ଖବର ପ୍ରସାରଣକୁ ଅଞ୍ଚଳବସି ବିରୋଧ କରି ଅକାରଣରେ ମେଡିକାଲ ପରିସରରେ ବୁଲୁଥିବା ବେଳେ ଉତ୍ତମ ମଧ୍ୟମ ଦେଲେ ଲୋକେ । ଉଭୟ ପକ୍ଷ ରୁ ଓଡ଼ଗାଁ ଆଦର୍ଶ ଥାନା ରେ ମାମଲା ରୁଜୁ ହୋଇଥିବା ସୁଚନା ମିଳିଛି ।

### ପାରାଦୀପ ଫିସିଙ୍ଗ ହାରବରରେ ଘଟିଥିବା ଅଘଟଣା

# ଓଡିଶା ମତ୍ସ୍ୟଉତ୍ପାଦକ ସଂଘର ସାମ୍ବାଦିକ ସମ୍ମିଳନୀ

**ପାରାଦୀପ,(ନି.ପ୍ର) :** ଅଗ୍ନି କାଣ୍ଡ ଘଟଣାକୁ ନେଇ ଓଡିଶା ମତ୍ସ୍ୟ ଉତ୍ପାଦକ ସଂଘ ର ସଭାପତି ଶ୍ରୀକାନ୍ତ ପରିଡ଼ା ହୋଇଥିବା କ୍ଷୟ କ୍ଷତିର ବିସ୍ତୃତ ବିବରଣୀ ଏକ ସାମ୍ବାଦିକ ସମ୍ମିଳନୀ ପ୍ରଦାନ କରି ଦୁର୍ଦ୍ଦିନ ଦେଇ ମତ୍ସ୍ୟଜିବି ମାନେ ଗତି କରୁଛନ୍ତି ବୋଲି କ୍ଷୋଭ ର ସହ କହିଛନ୍ତି । ଗୋଟେ ପଟେ ଅଲିଭରେଡିଲେ କାଇଁଚ ପାଇଁ ଅନ୍ୟପଟେ ଲୋ ପ୍ରେସର ଲଘୁଚାପ ମତ୍ସ୍ୟଜିବି ଙ୍କ ପାଇଁ ଲକ୍ଷ୍ମଣ ରେଖା ସଦୃଶ ଥିଲାବେଳେ ଡିଜେଲ ଦର ଅହେତୁକ ବୃଦ୍ଧି ଯୋଗୁ ମତ୍ସ୍ୟଜିବି ମାନେ ଦୁର୍ଦ୍ଦିନ ଦେଇ ଗତି କରୁଛନ୍ତି ବୋଲି କହିଛନ୍ତି ସଭାପତି ଶ୍ରୀକାନ୍ତ ପରିଡା । ଏଥିସହ ଶିଳ୍ପରୁ ନିର୍ଗତ ବର୍ଜ୍ୟବସ୍ତୁ ସମୁଦ୍ରରେ ମିଶିବାରୁ ମାଛ ମାନଙ୍କ ବଂଶ ବୃଦ୍ଧି ହୋଇ ପାରୁନ ଥିବାରୁ ମତ୍ସ୍ୟଜିବି ମାନେ ଅନେକ କ୍ଷତି ସହିବାକୁ ପଡୁଥିଲାବେଳେ ୩୫୦ ବୋଟ ପାଇଁ ନିର୍ମାଣ ହୋଇଥିବା ଜେଟିରେ ଏେ୍ ମାତ୍ରାଧିକ ଟଲର ରହୁଥିବାରୁ ଦୁର୍ଘଟଣା



ଘଟୁଛି ବୋଲି ଶ୍ରୀ ପରିଡା କହିଛନ୍ତି । ୧୪ଟି ବୋଟ ନିଆଁ ଲାଗି ସମ୍ପୂର୍ଣ୍ଣ ପୋଡ଼ି ଯାଇଥିବା ବେଳେ ଏଥିରେ ୭ ଟି ମେକାକନାଇଜ ଫିସିଙ୍ଗ ଟଲର ଓ ୭ ଟି ମୋଟରରାଇଜିଂ ଫିସିଙ୍ଗ ବୋଟ ସମ୍ପୂର୍ଣ ନଷ୍ଟ ହୋଇଯାଇଛି ଯାହାର ଆନୁମାନିକ ମୂଲ୍ୟ କୋଟି କୋଟି ଟଙ୍କା କ୍ଷତି ହୋଇଛି ବୋଲି ଶ୍ରୀ ପରିଡା କହିଛନ୍ତି । ତେବେ ଏହି ବୋଟ ଉପରେ ନିର୍ଭର କରି ଚଳୁଥିବା ତିନି ଶହରୁ ଉର୍ଦ୍ଧ୍ଵ ପରିବାର ଏେ୍ ସର୍ବସକ୍ଷନ୍ତ ହୋଇପଡିଥିବା ଶ୍ରୀ ପରିଡା ଆକଳନ କରି କହିଛନ୍ତି । ଆନ୍ଧ୍ର ପ୍ରଦେଶ ସରକାରଙ୍କ ଭଳି ଡବଲ ଇଞ୍ଜିନ ସରକାର କ୍ଷତି ପୂରଣ ଦେବାକୁ ଦାବୀ କରିଛନ୍ତି ସଭାପତି ଶ୍ରୀକାନ୍ତ ପରିଡା । ଯଦି ସରକାର କ୍ଷତି ପୂରଣ ନ ଦିଅନ୍ତି ତେବେ ମତ୍ସ୍ୟଜୀବି ମାନେ ମାଛ ମାରିବାକୁ ଯେବେନାହିଁ ବୋଲି ଶ୍ରୀ ପରିଡା ସାମ୍ବାଦିକ ସମ୍ମିଳନୀ ରେ ଚେତାବନୀ ଦେଇକହିଛନ୍ତି ।

# ଇପିବି ସାଉଥ ଆଫ୍ରିକା ୟୁନିଭର୍ସିଟି ପକ୍ଷରୁ ସମ୍ବର୍ଦ୍ଧିତ






**ଭୁବନେଶ୍ବର ,(ନି.ପ୍ର) :** ୮ ଭୁବନେଶ୍ଵର ସମାଜସେବୀ ଡ଼ ନାରାୟଣ ମହାପାତ୍ରଙ୍କୁ ଘାନାର ୬୮ତମ ସ୍ୱାଧୀନତା ଦିବସ ଉପଲକ୍ଷେ ଇପିବି ୟୁନିଭର୍ସିଟି ସାଉଥ ଆର୍ଫ୍ରିକା ପକ୍ଷରୁ ସମ୍ମାନିତ କରାଯାଇଛି । ଇପିବି ବିଶ୍ୱବିଦ୍ୟାଳୟ ଦକ୍ଷିଣ ଆଫ୍ରିକା ପକ୍ଷରୁ ଜୟ ମା ଭବାନୀ ଚାରିଟେବୁଲ ଟ୍ରଷ୍ଟର ସମ୍ପାଦକ ଡ଼ ନାରାୟଣ ମହାପାତ୍ରଙ୍କୁ ସମାଜସେବାର କାର୍ଯ୍ୟ ପାଇଁ ଓ ସମାଜରେ ଶାନ୍ତି ବଜାୟ ରହିବା ପାଇଁ ଉଲ୍ଲେଖ ନିୟ ପଦକ୍ଷେପ ନେଇ ଥିବାରୁ ଏହି ସମ୍ମାନ ପ୍ରଦାନ କରାଯାଇଛି । ଟ୍ରଷ୍ଟ ପକ୍ଷରୁ ସମାଜରେ ଅବହେଳିତ ବୃଦ୍ଧ ବାପା ମା ଓ ଅବହେଳିତ ଛୋଟ ପିଲାମାନଙ୍କ ପାଖରେ ପହଞ୍ଚି ସେମାନଙ୍କୁ ମାଗଣା ସ୍ୱାସ୍ଥ୍ୟ ସେବା ଓ କିଛି ସମୟ ସେମାନଙ୍କ ସଙ୍ଗେ ରହି ଖୁସି ଓ ଶାନ୍ତି ବାଣ୍ଟୁଥିବାରୁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଅନେକ ସମ୍ମାନ ପ୍ରଦାନ କରଯାଇଛି । ଟ୍ରଷ୍ଟ ପକ୍ଷରୁ ବର୍ଷର ବିଭିନ୍ନ ସମୟରେ ରକ୍ତ ଦାନ ସଂଗ୍ରହ ଶିବିର ମଧ୍ୟ କରାଯାଇଥାଏ । ଏହି ସମ୍ମାନ ପାଇଁ ଇପିବି ବିଶ୍ୱବିଦ୍ୟାଳୟ ଦକ୍ଷିଣ ଆଫ୍ରିକା ଅନୁଷ୍ଠାନକୁ ବହୁତ ବହୁତ ଧନ୍ୟବାଦ ଜଣାଇଛନ୍ତି ଡ଼ ମହାପାତ୍ର ।

# ବିଜେଡି କାର୍ଯ୍ୟାଳୟରେ ମହିଳା ଦିବସ ପାଳିତ

## ନବୀନ ସରକାରରେ ମହିଳାଙ୍କୁ ଅଗ୍ରାଧିକାର ମିଳିଛି

**ନୟାଗଡ଼,(ନି.ପ୍ର) :** ନୟାଗଡ଼ ଜିଲ୍ଲା ବିଜୁ ଜନତା ଦଳ କାର୍ଯ୍ୟାଳୟରେ ଆଜି ଆର୍ନ୍ତଜାତୀକ ମହିଳା ଦିବସ ପାଳିତ ହୋଇଯାଇଛି । ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଓଡ଼ଗାଁ ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁ, ଜିଲ୍ଲା ମହିଳା ବିଜେଡି ସଭାପତି ବିରଜା ଲକ୍ଷ୍ମୀ ସାହୁ, ପୌର ପରିଷଦ ଅଧ୍ୟକ୍ଷା ନିରୂପମା ଖଟେଇ, ବ୍ଲକ ଉପାଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ସାହୁ, ଜିଲ୍ଲା ପରିଷଦ ସଦସ୍ୟ ଝିଲ୍ଲୀ ପ୍ରଧାନ ପ୍ରମୂଖ ଯୋଗ ଦେଇଥିଲେ । ମହିଳାମାନେ ଆଗକୁ ଆସିବା ଶୁଭ ଲକ୍ଷଣ । ନବୀନ ସରକାରରେ ମହିଳାଙ୍କୁ ଅଗ୍ରାଧିକାର ମିଳିଛି ବୋଲି ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ କହିଥିଲେ । ମହିଳା ଯେଉଁଠି ସୁରକ୍ଷିତ ମଣନ୍ତି, ସେଠି ସ୍ନେହ ଶ୍ରଦ୍ଧା ଢାଳି ଦିଅନ୍ତି ବୋଲି କହିଥିଲେ । ଜଣଙ୍କ ଉପରେ ବିପଦ ପଡ଼ିଲେ ସମସ୍ତେ ଠିଆ ହେବାକୁ ଉପସ୍ଥିତ ମହିଳାଙ୍କୁ ବିଧାୟକ ଆହ୍ୱାନ ଦେଇଥିଲେ । ଜିଲ୍ଲା ମହିଳା ବିଜେଡି ସଭାନେତ୍ରୀ ଶ୍ରୀମତି ସାହୁ ମହିଳା ସଶକ୍ତି କରଣ କ୍ଷେତ୍ରରେ ନବୀନ ପଟ୍ଟନାୟକଙ୍କ ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ । ମିଶନ ଶକ୍ତି ଜରିଆରେ ମହିଳାଙ୍କୁ ସ୍ୱାବଲମ୍ବି କରିବାରେ ନବୀନ ଏକ ନମ୍ବର ବୋଲି କହିଥିଲେ । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ପଞ୍ଚାୟତର ଜନପ୍ରତିନିଧି ଯୋଗ ଦେଇଥିଲେ ।




# ପାରାଦୀପ ଗଡରେ ନବନିର୍ମିତ ଲକ୍‌ଥାନା ଗୃହ ଉଦଘାଟନ ଉତ୍ସବ



**ଜଗତସିଂହପୁର,(ନି.ପ୍ର) :** ଓଡିଶା ର ବିଭିନ୍ନ ଜିଲ୍ଲାରେ ୧୪ ଟି ନବ ନିର୍ମିତ ଥାନା ଗୃହକୁ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଙ୍କ ଦ୍ଵାରା ଭର୍ଚୁଆଲ ମୋଡ ରେ ଉଦଘାଟନ କରାଯାଇ ଆଇନ ଶୃଙ୍ଖଳା କୁ କଡାକଡି କରାଯାଇଛି । ସେଥିମଧ୍ୟରୁ ଜଗତସିଂହପୁର ଜିଲ୍ଲାର ପାରାଦୀପ ଗଡ ରେ ଥିବା ପାରାଦୀପ ଲକ୍ ଥାନା କୁ ଅନ୍ତରର୍ଭୁକ୍ତ କରାଯାଇ ଏକ ଉଦଘାଟନୀ ସଭା ଆୟୋଜନ ହୋଇଥିଲା । ଏହି ଅବସରରେ ଜଗତସିଂହପୁର ସାଂସଦ ଡ. ବିଭୂପ୍ରସାଦ ତରାଇ ଙ୍କ ସହ ଜଗତସିଂହପୁର ଜିଲ୍ଲା ଆରକ୍ଷିଧିକ୍ଷକ ଶ୍ରୀ ଭବାନୀ ଶଙ୍କର ଉଦଗାତା ,ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନିରଞ୍ଜନ ବେହେରା ,ସରପଞ୍ଚ ଶ୍ରୀମତୀ ସସ୍ମିତା ବେହେରା, ଆଇନଜୀବୀ ଶ୍ରୀ ସଞ୍ଜୟ କୁମାର ବେହେରା,ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀ ସ୍ମୃତି ରଞ୍ଜନ କର, ପାରାଦୀପ ପୌରାଧକ୍ଷ ଶ୍ରୀ ବସନ୍ତ କୁମାର ବିଶ୍ୱାଳଙ୍କ ସମେତ ସମସ୍ତ ଥାନାର ଅଧିକାରୀ, ସ୍ୱେଚ୍ଛାସେବୀ, ସମାଜସେବୀ ଓ ଜନସାଧାରଣ ଏହି କାର୍ଯ୍ୟକ୍ରମ ରେ ଯୋଗ ଦେଇଥିଲେ । ପୋଲିସ ଓ ସାଧାରଣ ଜନତା ଙ୍କ ମଧ୍ୟରେ ସୁସମ୍ପର୍କ ରକ୍ଷା କରି ଆଇନ ଶୃଙ୍ଖଳା ଓ ଜନ ସାଧାରଣଙ୍କୁ ଉପଯୁକ୍ତ ପୁଲିସ ସେବା ଯୋଗାଇ ଦିଆଯିବ ବୋଲି ଏସ ପି ଶ୍ରୀ ଉଦଗାତା କହିଥିଲାବେଳେ, ସରକାରୀ ସ୍ତରରେ ଟ୍ରାଫିକ ବ୍ୟବସ୍ଥାର ସୁଧାର ଆଣିବାକୁ ଦୃଷ୍ଟି ଦିଆଯିବ ବୋଲି ସାଂସଦ ଡ଼. ତରାଇ କହିଛନ୍ତି ।

# ଅନ୍ତର୍ଜାତୀୟ ମହିଳା ଦିବସ ପାଳନ

**ପାତ୍ରପୁର,(ନି.ପ୍ର) :** ଆଠ ମାର୍ଚ୍ଚ କୁ ଅନ୍ତର୍ଜାତୀୟ ମହିଳା ଦିବସ ଭାବେ ପାଳନ କରାଯାଏ । ଏହି ପରିପ୍ରେକ୍ଷୀରେ ପାତ୍ରପୁର ବ୍ଲକର ତଣ୍ଡିପୁର୍ ଗ୍ରାମପଞ୍ଚାୟତର ସରପଞ୍ଚଙ୍କ ଅଧ୍ୟକ୍ଷତାରେ ମହିଳା ଦିବସ ପାଳନ କରାଯାଇଛି ।ଏଥିରେ ଗ୍ରାମସେବକ ଦାସ ସାହୁ ସମାଜରେ ମହିଳା ମାନଙ୍କ ଭୂମିକା କଣ ତାହା ବୁଝାଇ ଥିଲେ ।ସଭାକୁ ପଞ୍ଚାୟତର ସମସ୍ତ



ଅଙ୍ଗନବାଡ଼ି , ହେଲ୍ପର, ଏସ ହେଚ୍ଛ ଜି, ଏବଂ ଗ୍ରୁପ ର ମେମ୍ବର ତଥା ସ୍ଥାନିକ୍ ମହିଳା ମାନେ ଯୋଗଦାନ କରିଥଲେ ।ସମାଜସେବୀ ମହେନ୍ଦ୍ର କୁମାର ପାତ୍ର ଓ ତଣ୍ଡିପୁର ଗ୍ରାମର ଉତ୍ସାହୀ ଯୁବକ ମାନେ ସହଯୋଗ କରିଥିଲେ ।

# ନିର୍ମାଣ ଅନୁଷ୍ଠାନରେ ବିଶ୍ୱ ମହିଳା ଦିବସ ପାଳିତ

**ବାଲକାଟି,(ନି.ପ୍ର) :** ବାଲକାଟିର ଅଗ୍ରଣୀ ଶିକ୍ଷା ଅନୁଷ୍ଠାନ ନିର୍ମାଣ ଗ୍ରୁପ ଅଫ ଇନଷ୍ଟିଚୁଟ ର ଅଡିଟୋରିଆମ ରେ ବିଶ୍ୱ ମହିଳା ଦିବସ ଖୁବ ଆଡମ୍ବରରେ ପାଳିତ ହୋଇଯାଇଛି । ଏହି ଉତ୍ସବ ରେ ଅନୁଷ୍ଠାନର ଅଧକ୍ଷ ସିଦ୍ଧେଶ୍ୱର ମହାନ୍ତି, ସଭାପତିତ୍ୱ କରିଥିବା ବେଳେ ଶିକ୍ଷାବିତ ଶ୍ରୀଯୁକ୍ତ ବିଧୁଭୂଷଣ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଏବଂ ଓଡ଼ିଆ ଚଳଚିତ୍ରର ସଂଳାପ ଲେଖକ ଡକ୍ଟର ରଜନୀ ରଞ୍ଜନ ଦାଶ ମୁଖ୍ୟ ବକ୍ତା ରୂପେ ଯୋଗଦେଇ ସମାଜରେ ମହିଳା ମାନଙ୍କର ବିଶେଷ ଅବଦାନ କୁ ଭୂୟଶୀ ପ୍ରସଂଶା କରିଥିଲେ । ଶିକ୍ଷା, ସଂସ୍କୃତି ଓ ସମାଜ ସେବା ପାଇଁ ୨୫ ଜଣ ମହିଳାଙ୍କୁ ସମ୍ମାନିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମ କୁ ଶ୍ରୀଯୁକ୍ତ ବାସୁଦେବ ଆଚାର୍ଯ୍ୟ ପରିଚାଳନା କରିବା ସହ ଅନୁଷ୍ଠାନର ଅନ୍ୟ ଶିକ୍ଷକ ମାନେ ସହଯୋଗ କରିଥିଲେ । ଅନୁଷ୍ଠାନର ଛାତ୍ରଛାତ୍ରୀଙ୍କ ଦ୍ୱାରା ନାରୀର ଭୂମିକା ଉପରେ ସଂଗୀତ, ନୃତ୍ୟ ଏବଂ ନାଟକ ପରିବେଷଣ କରଯାଇଥିଲା ।



# କାଠଘରା ସରକାରୀ ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଥୁଆମୂଲ ରାମପୁର,(ନି.ପ୍ର) :** କଳାହାଣ୍ଡି ଜିଲ୍ଲା ଥୁଆମୂଲ ରାମପୁର ବ୍ଲକ ଅନ୍ତର୍ଗତ କାଠଘରା ର ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଅଧିନ ର ସରକାରୀ ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଉତ୍ସବ ରେ ମୁଖ୍ୟ ଅତିଥି ଭାବେ କଳାହାଣ୍ଡି ଜିଲ୍ଲା ଶିକ୍ଷା ନିରୀକ୍ଷକ ଶ୍ରୀ ଯୁକ୍ତ କୈଳାସ ଚନ୍ଦ୍ର ମହାରଣା ଯୋଗଦେଇ ଥିବା ବେଳେ ମୁଖ୍ୟବକ୍ତା ଭାବେ ଥୁଆମୁଲ ରାମପୁର ମାଁ ମାଣିକେଶ୍ୱରୀ କଲେଜ ଅଧକ୍ଷ ଶ୍ରୀ ସତ୍ୟ ନାରାୟଣ ମୁଣ୍ଡଛିନା ଯୋଗଦେଇ ଥିଲେ ସମ୍ମାନିତ ଅତିଥି ରୂପେ କଳାହାଣ୍ଡି ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଶ୍ରୀ ଜାନକୀବଲ୍ଲଭ ସାମନ୍ତରାୟ ଯୋଗଦାନ ଥିବା ସହ ଗୋପାଳପୁର ହାଇସ୍କୁଲ ର ଶିକ୍ଷକ ରବୀନ୍ଦ୍ର ନାରାୟଣ ସେଠୀ , ବିରୁପାକ୍ଷ ରାଉତ,




ଗୁଣପୁର ହାଇସ୍କୁଲ ର ବରିଷ୍ଠ ଶିକ୍ଷକ ପ୍ରମୋଦ କୁମାର ଛତ୍ରୀୟା ସମାଜସେବୀ ରବି ନାରାୟଣ ସିଂହ , ସ୍କୁଲ ପରିଚାଳନା କମିଟି ର ଉପସଭାପତି ଶ୍ରୀ ମୋହନ କୁମାର ରେଲି ମଞ୍ଚାସିନ ଥିବା ବେଳେ ଏହି ସ୍କୁଲର ପ୍ରଧାନଶିକ୍ଷକ ଶ୍ରୀ ଜନ୍ମେଜୟ ଶବର ସଭାପତିତ୍ୱ କରିଥିଲେ , କାର୍ଯ୍ୟକ୍ରମ ମଞ୍ଚ ସଂଚାଳକ ଥିଲେ ଭବାନୀପାଟଣା ବ୍ଲକ ସୋହାଗପୁର୍ ଆଶ୍ରମ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀ ସଂଜୀବ କୁମାର ପଣ୍ଡା । ପ୍ରଥମେ ଶୁଭାରମ୍ଭ ପୂର୍ବରୁ ଅତିଥି ଓ ଉପସ୍ଥିତ ସମସ୍ତେ ଭଗବାନ ଙ୍କ ଠାରେ ପ୍ରଦୀପ ପ୍ରଜ୍ୱଳନ କରିଥିଲେ ଏବଂ ଛାତ୍ରୀ ମାନଙ୍କ ଦ୍ୱାରା ଅତିଥି ସ୍ୱାଗତ ସଙ୍ଗୀତ ଗାନ କରି ସମସ୍ତ ଅତିଥିଙ୍କୁ ସ୍ୱାଗତ ଜଣାଇଥିଲେ । ପରେ ପ୍ରଧାନ ଶିକ୍ଷକ ସମସ୍ତ ଅତିଥିଙ୍କୁ ପୁଷ୍ପଗୁଚ୍ଛ ସହ ଉପଢୌକନ ଦେଇ ସମ୍ମାନିତ କରିଥିଲେ ଓ ସ୍କୁଲ ର ବାର୍ଷିକ ବିବରଣୀ ପାଠ କରିଥିଲେ । ଅତିଥି ମାନେ ଛାତ୍ର ଛାତ୍ରୀ ମାନଙ୍କୁ ସୁ ନାଗରିକ ହେବା ସହ ଆସନ୍ତା କାଲି ର ଅଞ୍ଚଳର ଉନ୍ନତି କରିବା ଲାଗି ଆଗେଇ ଆସି ଉପଯୁକ୍ତ ଶିକ୍ଷା ଗ୍ରହଣ କରି ନିଜ ତଥା ନିଜ ଅଞ୍ଚଳ ର ଗୌରବ ଆଣିବା ଦିଗରେ ଉପଦେଶ ଦେଇଥିଲେ । ଆଗରୁ ସ୍କୁଲରେ ବିଭିନ୍ନ ପ୍ରକାରର ପ୍ରତିଯୋଗିତା କରାଯାଇଥିବା ପ୍ରତିଯୋଗୀ ମାନଙ୍କୁ ଅତିଥି ମାନଙ୍କ ସ୍ୱହସ୍ତରେ ସାର୍ଟିଫିକେଟ ସହ ପୁରସ୍କାର ପ୍ରଦାନ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମ ରେ ଉକ୍ତ ସ୍କୁଲ ଓ ପାଖ ଗୁଣପୁର ହାଇସ୍କୁଲ ର ସମସ୍ତ ଶିକ୍ଷକ ସହିତ ଅନ୍ୟାନ୍ୟ କାର୍ଯ୍ୟରତ କର୍ମଚାରୀ ବୃନ୍ଦ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ । ଶେଷରେ ଶିକ୍ଷକ ଚିରଞ୍ଜିବୀ ସ୍ୱାଇଁ ସମସ୍ତ ଅତିଥିଙ୍କୁ ଧନ୍ୟବାଦ୍ ଦେଇଥିଲେ । ସଭାକାର୍ଯ୍ୟ ପରେ ସ୍କୁଲ ଛାତ୍ର ଛାତ୍ରୀ ମାନେ ଡେନସ୍ ପରିବେଷଣ କରି ମନୋରଞ୍ଜନ କରିଥିଲେ ।

# ପଦ୍ମପୁର ଥାନା ଅଧିକାରୀହେଲେ ଧରଣୀ ଧର ପ୍ରଧାନ



**ରାୟଗଡ,(ନି.ପ୍ର) :** ଜିଲ୍ଲା ର ପଦ୍ମପୁର ଥାନାର ନୂତନ ଥାନା ଅଧିକାରୀ ଭାବରେ ଗତ ୪ ତାରିଖରେ ଯୋଗ ଦେଇଥିଲେ ଶ୍ରୀ ଧରଣୀ ଧର ପ୍ରଧାନ । ଅଞ୍ଚଳରେ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ସହ ଅସମାଜିକ ବ୍ୟକ୍ତି ମଦ, ବେପାରି ଗଞ୍ଜେଇ ମାଫିଆଙ୍କ ଉପରେ ରହିବ ତୀକ୍ଷ୍ଣ ନଜର ଦେଲେ ସୂଚନା ନୂତନ ଭାବେ ଦାୟିତ୍ୱ ଗ୍ରହଣ କରି ଥିବାପଦ୍ମପୁର ଥାନା ଅଧିକାରୀ ଶ୍ରୀ ଧରଣୀଧର ପ୍ରଧାନ । ଏଥି ପୂର୍ବରୁ ସେ ରାୟଗଡ ଜିଲ୍ଲାର ଚନ୍ଦ୍ରପୁର ଥାନା ଅଧିକାରୀ ଭାବେ କାର୍ଯ୍ୟ କରି ଜନସାଧାରଣ ଙ୍କ ଦ୍ୱାରା ପ୍ରଶଂସା ର ପାତ୍ର ପାଇଥିଲେ ।

# ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଅନ୍ତର୍ଜାତୀୟ ମହିଳା ଦିବସ

**ରମନାଗୁଡା,(ନି.ପ୍ର) :** ରାୟଗଡ଼ା ଜିଲ୍ଲା ରାମନଗୁଡା ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଆନ୍ତର୍ଜାତୀୟ ମହିଳା ଦିବସ ବହୁ ଆଡ଼ମ୍ବରରେ ପାଳିତ ହୋଇଯାଇଛି । ବିଦ୍ୟାଳୟର ସହ ପାଠ୍ୟକ୍ରମ ବିଭାଗ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ଶ୍ରୀ ପ୍ରଣୀତ କୁମାର ଅଧିକାରୀ ଅଧ୍ୟକ୍ଷତା କରିଥିଲେ । କାର୍ଯ୍ୟକ୍ରମର ଆରମ୍ଭ ପ୍ରଭୁ ଶ୍ରୀ ଗଜାନନଙ୍କ ପାଖରେ ପୁଷ୍ପମାଲ୍ୟ ଅର୍ପଣ ଓ ଦ୍ୱିପ ପ୍ରଜ୍ୱଳନ ସହ ହୋଇଥିଲା ବେଳେ ବିଦ୍ୟାଳୟର ଛାତ୍ରୀ ସୁଶ୍ରୀ ବିଦ୍ୟାଶ୍ରୀ ରଥ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ । ପରେ ଇଂରାଜୀ ଶିକ୍ଷୟିତ୍ରୀ ମିନାକ୍ଷୀ ଯେ ସାହୁ କାର୍ଯ୍ୟକ୍ରମର ତାତ୍ପର୍ଯ୍ୟ ବିଷୟରେ ଆଲୋକପାତ କରିବା ସହ ନାରୀ ସମ୍ମାନ ଓ ଆହ୍ୱାନ ବିଷୟ ରେ ନିଜର ବକ୍ତବ୍ୟ କହିଲେ । ଅନ୍ୟ ଶିକ୍ଷୟତ୍ରୀ ମାନଙ୍କ ମଧ୍ୟରେ ସୁଶ୍ରୀ କାଜଲ ପ୍ରକାଶ ଗୌଡ, ନବମ




ଶ୍ରେଣୀର ଛାତ୍ରୀ ସୁଶ୍ରୀ ସିରିସା ପାତ୍ର ଓ ସୁଶ୍ରୀ ଶ୍ରୁତି ସମ୍ପୂର୍ଣ୍ଣା ସେନାପତି ନିଜନିଜର ଅଭିଭାଷଣରେ ସାଂପ୍ରତିକ ଜୀବନରେ ନାରୀର ଭୂମିକା ବିଷୟରେ ଆଲୋକପାତ କରିଥିଲେ । କାର୍ଯ୍ୟାଳୟ ର ଅଧକ୍ଷ ଶ୍ରୀ ଅଧିକାରୀ ମାଆଙ୍କର ଉଦାହରଣ ଦେଇ ଏବଂ ମାଆ ମାନଙ୍କୁ ସମ୍ମାନ ଜଣାଇ ନାରୀର ଶ୍ରେଷ୍ଠତା ପ୍ରତିପାଦନ କରିଥିଲେ ।

କାର୍ଯ୍ୟକ୍ରମର ପରବର୍ତ୍ତୀ ପର୍ଯ୍ୟାୟରେ ସମସ୍ତ ଶିକ୍ଷୟିତ୍ରୀ ମାନଙ୍କୁ ପୁଷ୍ପଗୁଚ୍ଛ ସହ ସମ୍ମାନୀତ କରାଯାଇଥିଲା । ଏଥିସହିତ ନାରୀ ସୁରକ୍ଷାକୁ ଦୃଷ୍ଟିରେ ରଖି ଛାତ୍ରୀ ମାନଙ୍କ ଦ୍ୱାରା ଆତ୍ମରକ୍ଷା କୌଶଳର ପ୍ରଦର୍ଶନ କରାଯାଇଥିଲା । ବିଦ୍ୟାଳୟର ଅଷ୍ଟମ ଓ ନବମ ଶ୍ରେଣୀର ଛାତ୍ରୀମାନଙ୍କ ଦ୍ୱାରା ସାମାଜିକ ନାଟକ ଓ ପ୍ରେରଣାଦାୟୀ ନୃତ୍ୟ ମଧ ପରିବେଷିତ ହୋଇଥିଲା । ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ସାମୁହିକ ଭାବରେ ନାରୀ ସୁରକ୍ଷା ଓ ସମ୍ମାନ ପାଇଁ ପ୍ରତିଜ୍ଞା ପାଠ କରାଯାଇଥିଲା । କାର୍ଯ୍ୟକ୍ରମର ପରିସମାପ୍ତି ରେ ବିଦ୍ୟାଳୟର କଳା ଶିକ୍ଷକ ଶ୍ରୀ ଆଶୁତୋଷ ପାତ୍ରଙ୍କ ଧନ୍ୟବାଦ ଅର୍ପଣ କରିଥିବା ବେଳେ କମ୍ପ୍ୟୁଟର ଶିକ୍ଷକ ଶ୍ରୀ ମାନସ ରଞ୍ଜନ ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ଶ୍ରୀ ଦେବାଶିଷ ସାହୁ ଚିତ୍ର ଉତ୍ତୋଳନର ଦାୟିତ୍ୱ ନିର୍ବାହ କରିଥିଲେ । ଅନ୍ୟ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମରେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରାଇବାରେ ସହଯୋଗ କରିଥିଲେ ।

# ମହିଳା ସମ୍ବଳ କେନ୍ଦ୍ର ଉଦ୍‌ଘାଟିତ

**ପାଟଣା,(ନି.ପ୍ର) :** କେନ୍ଦୁଝର ଜିଲ୍ଲା ସାହାରପଡା ବ୍ଲକ ଅନ୍ତର୍ଗତ ଦାମାହୁଦା ଗ୍ରାମ ପଞ୍ଚାୟତ ଠାରେ ଗ୍ରାମ ପଞ୍ଚାୟତ ଏବଂ ସି.ୱାଇ.ଏସ୍.ଡି ପ୍ରଗତି ପ୍ରକଳ୍ପ ର ମିଳିତ ସହଯୋଗ ରେ ଆନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ମହିଳା ସମ୍ବଳ କେନ୍ଦ୍ର ଉଦଘାଟିତ ହୋଇଯାଇଛି । ଏହି




କାର୍ଯ୍ୟକ୍ରମ କୁ ସି. ଡି. ପି. ଓ ଦିପ୍ତିମୟୀ ନାୟକ ଉଦଘାଟନ କରିଥିବାବେଳେ ଅନ୍ୟ ମାନଙ୍କ ମଧ୍ୟରେ ଜି.ପି. ଡି.ଓ ଅନ୍ତର୍ଯ୍ୟାମୀ ସେଠୀ, ସରପଞ୍ଚ ବାସନ୍ତୀ ଟୁଡୁ ଉପସ୍ଥିତ ରହିଥିଲେ । ଏହି କେନ୍ଦ୍ରର ଲକ୍ଷ୍ୟ ସମ୍ବଳ ଉପଲବ୍ଧତା ପ୍ରଦାନ କରି, ସୁରକ୍ଷାକୁ ପ୍ରୋତ୍ସାହିତ କରି, ଶାସନରେ ଅଂଶଗ୍ରହଣ ଏବଂ ଉଦ୍ୟୋଗିତାକୁ ଉତ୍ସାହିତ କରି ମହିଳାମାନଙ୍କୁ ସଶକ୍ତ କରିବା । ଏହା ସ୍ୱାସ୍ଥ୍ୟସେବା, ପରିମଳ ଏବଂ ମହିଳାମାନଙ୍କ ପାଇଁ ସୁଯୋଗକୁ ଉନ୍ନତ କରି ସମାଜକୁ ଅଧିକ ଅନ୍ତର୍ଭୁକ୍ତ ଏବଂ ପ୍ରଗତିଶୀଳ କରିବାରେ ସାହାଯ୍ୟ କରିବ ।

ମହିଳା ସମ୍ବଳ କେନ୍ଦ୍ର ମହିଳାମାନଙ୍କୁ ସଶକ୍ତ କରିବା, ସେମାନଙ୍କ ଜୀବନର ଗୁଣବତ୍ତା ବୃଦ୍ଧି କରିବା ଏବଂ ଏକ ସମାନ ସମାଜକୁ ପ୍ରୋତ୍ସାହିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । ଏହି କାର୍ଯ୍ୟକ୍ରମକୁ ପ୍ରଗତି ପ୍ରକଳ୍ପ ତରଫରୁ ତୋଫାନ କୁମାର ସେଠୀ, ପ୍ରଭାସିନୀ ମହାନ୍ତ ଏବଂ ଗାଁ ମିତ୍ର ପ୍ରମୁଖ ସହଯୋଗ କରିଥିଲେ ।

# ଆଜି ଭାରତ ଓ ନ୍ୟୁଜିଲ୍ୟାଣ୍ଡ ଲଢ଼େଇ




**ନୂଆଦିଲ୍ଲୀ,୦୮/୦୩ :** ଚାମ୍ପିୟନ୍ସ ଟ୍ରଫି ଫାଇନାଲରେ ଆଜି ଭାରତ ଓ ନ୍ୟୁଜିଲ୍ୟାଣ୍ଡ ଲଢ଼େଇ କରିବେ। ଏହି ମ୍ୟାଚ୍ ଉପରେ ପୂରା ବିଶ୍ୱର ନଜର ରହିଛି। ମ୍ୟାଚ୍ ପାଇଁ ସବୁ ପ୍ରସ୍ତୁତି ଶେଷ ହୋଇଛି। ଦୁବାଇ ଅନ୍ତର୍ଜାତୀୟ ଷ୍ଟାଡିୟମର କେଉଁ ପିଚ୍‌ରେ ମ୍ୟାଚ୍ ଖେଳାଯିବ, ତା'ର ନିଷ୍ପତ୍ତି ମଧ୍ୟ ହୋଇ ସାରିଛି। ଭାରତ ୧୨ ବର୍ଷ ପରେ ଓ ନ୍ୟୁଜିଲ୍ୟାଣ୍ଡ ୨୫ ବର୍ଷ ପରେ ଚାମ୍ପିୟନ୍ସ ଟ୍ରଫି ଟାଇଟଲ ଜିତିବା ଲକ୍ଷ୍ୟରେ ରହିଛି। ଭାରତ ଗ୍ରୁପ ପର୍ଯ୍ୟାୟରେ ଗୋଟିଏ ଥର ନ୍ୟୁଜିଲ୍ୟାଣ୍ଡକୁ ହରାଇ ସାରିଛି। ସେହିପରି ଦୁବାଇରେ ଦଳ କ୍ରମାଗତ ୪ଟି ମ୍ୟାଚ୍ ମଧ୍ୟ ଜିତିଛି। ତେଣୁ ନ୍ୟୁଜିଲ୍ୟାଣ୍ଡ ତୁଳନାରେ ଭାରତର ପଲ୍ଲା ଫାଇନାଲରେ ଭାରୀ ରହିଥିବା କୁହାଯାଉଛି। କିନ୍ତୁ ଆସନ୍ତାକାଲି ରୋହିତ ଶର୍ମାଙ୍କ ଟିମ ଇଣ୍ଡିଆକୁ ଫାଇନାଲରେ ନ୍ୟୁଜିଲ୍ୟାଣ୍ଡ ବ୍ୟତୀତ ରବିବାର ସହ ମଧ୍ୟ ଲଢ଼ିବାକୁ ପଡ଼ିବ। ଅନ୍ଧବିଶ୍ୱାସୀ ଫ୍ୟାନ୍ସ ଆଜି ରବିବାର ହୋଇଥିଲେ ହେଁ ଟିମ ଇଣ୍ଡିଆର ଭାଗ୍ୟ ବଦଳିବ ବୋଲି ଆଶା କରିଛନ୍ତି। କାରଣ ଭାରତ ରବିବାର ଖେଳୁଥିବା ପ୍ରାୟ ସବୁ ଆଇସିସି ଟୁର୍ଣ୍ଣାମେଣ୍ଟର ଫାଇନାଲ ହାରିଛି। ବେଶ କିଛି ଦଶନ୍ଧି ଧରି ଏହି ପରମ୍ପରା ଲାଗି ରହିଛି। ଆଜି ରବିବାର ହୋଇଥିବା ବେଳେ ଭାରତ ଫାଇନାଲ ଖେଳିବାକୁ ଯାଉଛି। ସାମ୍ନାରେ ନ୍ୟୁଜିଲ୍ୟାଣ୍ଡ ଓ ଅନ୍ଧବିଶ୍ୱାସ ଅନୁଯାୟୀ ରବିବାର। ତେଣୁ ଫ୍ୟାନ୍ସଙ୍କ ଛାତି ଧଡ଼ଧଡ଼ ହେବାରେ ଲାଗିଛି। ଭାରତ ପାଇଁ ବର୍ଷବର୍ଷ ଧରି କାଳ ସାଜିଥିବା ରବିବାରର ପୁନରାବୃତ୍ତି ଆଜି ଯେମିତି ନ ହେବ, ସେଆଶା ସମସ୍ତେ କରିଛନ୍ତି।

### ଆଇସିସି ଟୁର୍ଣ୍ଣାମେଣ୍ଟରେ ଭାରତ-ନ୍ୟୁଜିଲାଣ୍ଡ ରେକର୍ଡ

ରବିବାର ଦୁବାଇରେ ଖେଳାଯିବାକୁ ଥିବା ଫାଇନାଲରେ ଭାରତ, ନ୍ୟୁଜିଲାଣ୍ଡକୁ ଭେଟିବାକୁ ଯାଉଛି। ଭାରତ ୨୦୦୨ ସଂସ୍କରଣରେ ଶ୍ରୀଲଙ୍କା ସହିତ ମିଳିତ ଚାମ୍ପିୟନ ହୋଇଥିଲା। ଅନ୍ୟପକ୍ଷରେ ନ୍ୟୁଜିଲାଣ୍ଡ ଦ୍ୱିତୀୟ ଥର ପାଇଁ ଏହି ଆଇସିସି ଟୁର୍ନାମେଣ୍ଟ ଜିତିବା ଲକ୍ଷ୍ୟରେ ରହିଛି। ନ୍ୟୁଜିଲାଣ୍ଡ ୨୦୦୦ ସଂସ୍କରଣରେ ଚାମ୍ପିୟନ ହୋଇଥିଲା। ସଂଯୋଗର ବିଷୟ ଯେ, ନ୍ୟୁଜିଲାଣ୍ଡ ସେଥର ଫାଇନାଲରେ ଭାରତକୁ ହରାଇଥିଲା। ହେଲେ ଆଇସିସି ଚାମ୍ପିୟନ୍ସ ଟ୍ରଫି ୨୦୦୨ ଓ ୨୦୧୩ ସଂସ୍କରଣର ଚାମ୍ପିୟନ ଭାରତ ଏଥର ତୃତୀୟ ଥର ପାଇଁ ଟାଇଟଲ ହାସଲ କରିବାକୁ ଲକ୍ଷ୍ୟ ରଖିଛି। ଏପର୍ଯ୍ୟନ୍ତ ଆଇସିସି ଟୁର୍ଣ୍ଣାମେଣ୍ଟରେ ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ୧୬ଟି ମ୍ୟାଚ ଖେଳାଯାଇଛି। ଏଥିରୁ ନ୍ୟୁଜିଲାଣ୍ଡ ୧୦ ମ୍ୟାଚ ଜିତିଥିବା ବେଳେ ଭାରତ ୬ଟି ମ୍ୟାଚ୍‌ରେ ବିଜୟ ହୋଇଛି। ଆଇସିସି ଟୁର୍ଣ୍ଣାମେଣ୍ଟର ନକଆଉଟ ପର୍ଯ୍ୟାୟରେ ମଧ ନ୍ୟୁଜିଲାଣ୍ଡର ପଲା ଭାରି ରହିଛି। ଦୁଇ ଦଳ ନକ୍‌ଆଉଟ ପର୍ଯ୍ୟାୟରେ ୪ ଥର ମୁହାଁମୁହିଁ ହୋଇଛନ୍ତି, ଯେଉଁଥିରୁ ନ୍ୟୁଜିଲାଣ୍ଡ ୩ ଥର ବାଜି ମାରିଥିବା ବେଳେ ଭାରତ କେବଳ ଥରେ ବିଜୟ ସ୍ୱାଦ ଚାଖିଛି। ଅନ୍ତିମ ଥର ୨୦୨୩ ବିଶ୍ୱକପ ସେମିଫାଇନାଲରେ ଦୁଇ ଦଳ ପରସ୍ପରକୁ ଭେଟିଥିଲେ। ଏହି ହାଇ ସ୍କୋରିଂ ମ୍ୟାଚରେ ଭାରତ ବିଜୟୀ ହୋଇଥିଲା। ଏଥିପୂର୍ବରୁ ୨୦୨୧ ଆଇସିସି ୱାର୍ଲଡ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲ, ୨୦୧୯ ଦିନିକିଆ ବିଶ୍ୱକପ ସେମିଫାଇନାଲ ଓ ୨୦୦୦ ଆଇସିସି ନକଆଉଟ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ନ୍ୟୁଜିଲାଣ୍ଡଠାରୁ ଭାରତ ପରାଜିତ ହୋଇଛି।

# ଅବସର ନେବେ ରୋହିତ ଶର୍ମା !



**ନୂଆଦିଲ୍ଲୀ,୦୮/୦୩ :** ଭାରତ ଓ ନ୍ୟୁଜଲାଣ୍ଡ ମଧ୍ୟରେ ରବିବାର ଦୁବାଇରେ ଆଇସିସି ଚାମ୍ପିଅନ୍ସ ଟ୍ରଫି ୨୦୨୫ର ଫାଇନାଲ ଖେଳାଯିବ। ରୋହିତ ଶର୍ମାଙ୍କ ଅଧିନାୟକତ୍ୱରେ ଭାରତୀୟ ଟିମ୍ ଟୁର୍ଣ୍ଣାମେଣ୍ଟରେ ଅପରାଜେୟ ରହି ଫାଇନାଲରେ ଏଣ୍ଟ୍ରି କରିଛି। ଭାରତ ଏବେ ୧୨ ବର୍ଷ ଧରି ଚାଲି ଆସିଥିବା ଚାମ୍ପିଅନ୍ସ ଟ୍ରଫି ଟାଇଟାଲର ଅଭାବକୁ ପୂରଣ କରିବା ଲକ୍ଷ୍ୟରେ। ହେଲେ , ଫାଇନାଲକୁ ନେଇ ଯେତିକି ଚର୍ଚ୍ଚା , ସେତିକି ରୋହିତଙ୍କ ରିଟାୟରମେଣ୍ଟ( ଅବସର)ର ଅଟକଳ ମଧ ଚାଲିଛି। କୁହାଯାଉଛି ଯେ , ହିଟମ୍ୟାନ ନାମରେ ପ୍ରସିଦ୍ଧ ରୋହିତ ଫାଇନାଲ ପରେ ଅବସର ନେଇ ପାରନ୍ତି। ଉପ ଅଧିନାୟକ ଶୁଭମନ ଗିଲ୍ ରୋହିତଙ୍କ ଅବସରର ଅଟକଳ ଉପରେ ପ୍ରତିକ୍ରିୟା ଦେଇଛନ୍ତି। ରୋହିତ ଆଗାମୀ ମାସରେ ୩୮ ବର୍ଷରେ ପହଞ୍ଚି ଥିବେ। ସେ ଏହି ସମୟରେ ଖରାପ ଫର୍ମ ଦେଇ ଗତି କରୁଛନ୍ତି। ରୋହିତ ଟୁର୍ଣ୍ଣାମେଣ୍ଟରେ ଏବେସୁଦ୍ଧା ଫିଫ୍ଟି କରି ପାରି ନାହାନ୍ତି।ଗିଲଙ୍କୁ ଯେବେ ଶନିବାର ସାମ୍ବାଦିକ ସମ୍ମିଳନୀରେ ପଚରା ଯାଇଥିଲା ଯେ, ରବିବାରର ଫାଇନାଲ ପରେ ରୋହିତ କଣ ରିଟାୟର ନେବେ କି, ଏହାକୁ ନେଇ ଉପ ଅଧିନାୟକ ଗିଲ୍ ପ୍ରଶଂସକଙ୍କୁ ଆଶ୍ଚର୍ଯ୍ୟକର ଜବାବ ଦେଇଛନ୍ତି। ହେଲେ , ଗିଲ୍ କହିଛନ୍ତି ଯେ , ଟିମ୍ ଓ ଅଧିନାୟକଙ୍କର ଫୋକସ କେବଳ ଟ୍ରଫି ଜିତିବା ଉପରେ ରହିଛି। ଆମେ ଏହାକୁ( ଅବସର) ନେଇ ଆଲୋଚନା କରିନାହୁଁ । ସବୁ କଥାବାର୍ତ୍ତା ଓ ଆଲୋଚନା ମ୍ୟାଚ୍ ? ଜିତିବା ଓ ମ୍ୟାଚ୍ ଜିତିବା ପାଇଁ ଆମକୁ କଣ କରିବାକୁ ହେବ , ଏହା ବିଷୟରେ ରହିଛି। ସେ (ରୋହିତ) ଏହି ବିଷୟରେ ଟିମ୍‌କୁ ବା ମୋତେ ସହ କଥା ହୋଇ ନାହାନ୍ତି। ମୋତେ ଲାଗୁଛି କି ରୋହିତ ଏବେ ଫାଇନାଲ ଜିତିବା ବିଷୟରେ ଭାବୁଛନ୍ତି। ମୋର ଅନୁଭବ କି ସେ ପ୍ରଥମେ ଚାମ୍ପିୟନ୍ସ ଟ୍ରଫି ଜିତିବା ଉପରେ ଧ୍ୟାନ କେନ୍ଦ୍ରିତ କରୁଛନ୍ତି। କାଲି ମ୍ୟାଚ୍ ଶେଷ ହେବା ପରେ ସେ ନିଷ୍ପତ୍ତି ନେଇ ପାରନ୍ତି , କିନ୍ତୁ ମୁଁ ଟିମ୍‌ରେ କାହା ଠାରୁ ଏ ବିଷୟରେ ଶୁଣି ନାହିଁ। କହି ରଖୁଛୁ କି , ଭାରତୀୟ ଅଧିନାୟକ ଚାମ୍ପିଅନ୍ସ ଟ୍ରଫି ପୂର୍ବରୁ ଫର୍ମ ହାସଲ କରି ଥିଲେ କିନ୍ତୁ ସେ ଦ୍ୱିତୀୟ ଟୁର୍ଣ୍ଣାମେଣ୍ଟରେ ଏହାକୁ ଜାରି ରଖି ପାରିଲେ ନାହିଁ। ରୋହିତଙ୍କ ବ୍ୟାଟ୍ ଅଷ୍ଟ୍ରେଲିଆ ଗସ୍ତରେ ଶାନ୍ତ ରହିଥିଲା, ଯେଉଁଥି ପାଇଁ ତାଙ୍କର କଡ଼ା ସମାଲୋଚନା ହେଲା। ରୋହିତ ଖରାପ ଫର୍ମ କାରଣରୁ ଅଷ୍ଟ୍ରେଲିଆରେ ୫ମ ଟେଷ୍ଟରୁ ନିଜକୁ ବାହାରେ ରହିବାକୁ ଆଶ୍ଚର୍ଯ୍ୟକର ନିଷ୍ପତ୍ତି ନେଇଥିଲେ। ସେ ନ୍ୟୁଜିଲାଣ୍ଡ ସିରିଜରେ ଫ୍ଲପ୍ ରହିଥିଲେ। ସେଠାରେ , ରୋହିତଙ୍କ ଦ୍ୱାରା ରନ୍ ନହେବା ସତ୍ତ୍ୱେ ଭାରତର ମୁଖ୍ୟ କୋଚ ଗୌତମ ଗମ୍ଭୀର ଅଧିନାୟକଙ୍କୁ ସୁରକ୍ଷା ଦେଇ କହିଥିଲେ ଯେ ଟିମ୍ ମ୍ୟାନେଜମେଣ୍ଟ ଖେଳାଳିଙ୍କ ମୂଲ୍ୟାଙ୍କନ ଟିମ୍‌ରେ ତାଙ୍କ ପ୍ରଭାବର ଆଧାରରେ କରିଥାଏ। ଉଲ୍ଲେଖନୀୟ ଯେ , ଫାଇନାଲରେ ରୋହିତ ଓ ବିରାଟ କୋହଲିଙ୍କ ଭଳି ଖେଳାଳିଙ୍କ ବଡ଼ ଯୋଗଦାନର ଅପେକ୍ଷା ରହିବ। ଏହି ଦୁହିଁଙ୍କ ବ୍ୟତୀତ ଗିଲ୍, ଶ୍ରେୟସ ଆୟାର , କେଏଲ ରାହୁଲ ଓ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଠାରୁ ମଧ ଉପଯୋଗୀ ଯୋଗଦାନର ଆଶା ରହିବ।

## ଫାଇନାଲ ଖେଳିବେନି କୋହଲି !
# ଅଭ୍ୟାସ ସମୟରେ ଆହତ ହେଲେ

**ଦୁବାଇ,୦୮/୦୩ :** ଭାରତର ତାରକା ବ୍ୟାଟ୍ସମ୍ୟାନ ବିରାଟ କୋହଲି ଆହତ ହୋଇଛନ୍ତି କି ? ଏହା ଫଳରେ ସେ ରବିବାର ନ୍ୟୁଜିଲାଣ୍ଡ ବିରୋଧରେ ଖେଳାଯିବାକୁ ଥିବା ଚାମ୍ପିୟନ୍ସ ଟ୍ରଫି ଫାଇନାଲରେ ସେ ଖେଳିବେ ନାହିଁ କି ? କେତେକ ଗଣମାଧ୍ୟମ ରିପୋର୍ଟରେ ସେ ଆହତ ହୋଇଥିବା ରିପୋର୍ଟ ପ୍ରକାଶ ପାଇବା ପରେ ଭାରତର ଚିନ୍ତା ବଢିଯାଇଛି । ପାକିସ୍ତାନୀ ଟିଭି ଚ୍ୟାନେଲ ଜିଓ ନ୍ୟୁଜର ରିପୋର୍ଟ ଅନୁସାରେ ଦୁବାଇସ୍ଥିତ ଆଇସିସି ଏକାଡେମୀରେ ଦ୍ରୁତ ବୋଲିଂ ବିପକ୍ଷରେ ଅଭ୍ୟାସ କରୁଥିବା ବେଳେ ଏକ ବଲ୍ ବିରାଟ କୋହଲିଙ୍କ ଗୋଡ଼ରେ ବାଜିଥିଲା। ଏହା ପରେ ଯନ୍ତ୍ରଣା ହେବାରୁ ସେ କିଛି ସମୟ ପାଇଁ ଅଭ୍ୟାସ ବନ୍ଦ କରିଦେଇଥିଲେ। ପାକିସ୍ତାନୀ ଟିଭି ଚ୍ୟାନେଲ ଜିଓ ନ୍ୟୁଜର ରିପୋର୍ଟ ଅନୁସାରେ ଦୁବାଇସ୍ଥିତ ଆଇସିସି ଏକାଡେମୀରେ ଦ୍ରୁତ ବୋଲିଂ ବିପକ୍ଷରେ ଅଭ୍ୟାସ କରୁଥିବା ବେଳେ ଏକ ବଲ୍ ବିରାଟ କୋହଲିଙ୍କ ଗୋଡ଼ରେ ବାଜିଥିଲା। ଏହା ପରେ ଯନ୍ତ୍ରଣା ହେବାରୁ ସେ କିଛି ସମୟ ପାଇଁ ଅଭ୍ୟାସ ବନ୍ଦ କରିଦେଇଥିଲେ। ତେବେ କିଛି ସମୟ ପରେ ସେ ପୁଣି ପଡ଼ିଆକୁ ଫେରିଥିଲେ। ତାଙ୍କର ଆଘାତ କେତେ ଗୁରୁତର ସେ ସଂପର୍କରେ ଟିମ ପରିଚାଳନା ପକ୍ଷରୁ କୌଣସି ସୂଚନା



ଦିଆଯାଇନାହିଁ । ଯଦି ଆଘାତ ଗୁରୁତର ହୋଇଥାଏ ସେ ଆସନ୍ତା କାଲି ନ ଖେଳିବାର ଆଶଙ୍କା ରହିଛି । ଏପରି ହେଲେ ତାହା ଟିମ ଇଣ୍ଡିଆ ପାଇଁ ଏକ ଖରାପ ଖବର । କିନ୍ତୁ ଆଘାତ ବିଶେଷ ଗୁରୁତର ନ ଥିଲେ ସେ ଖେଳିବାର ସମ୍ଭାବନା ରହିଛି । ଅଷ୍ଟ୍ରେଲିଆ ବିପକ୍ଷ ସେମିଫାଇନାଲ ମ୍ୟାଚରେ କୋହଲି ୮୪ ରନର ଏକ ଗୁରୁତ୍ୱପୂର୍ଣ୍ଣ ଇନିଂସ ଖେଳିଥିଲେ । ଏହି ଇନିଂସ ଫଳରେ ହିଁ ଭାରତ ଅଷ୍ଟ୍ରେଲିଆ ଦ୍ୱାରା ରଖାଯାଇଥିବା ଲକ୍ଷ୍ୟ ହାସଲ କରିପାରିଥିଲା ।

## ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ
# ଫାଇନାଲରେ ଧର୍ମଶାଳା ଫୁଟବଲ ଟିମ୍



**ଭାପୁର,୦୮/୦୩ :** ଭାପୁର ବ୍ଲକ ସଦର ମହକୁମା ସ୍ଥିତ ହାଇସ୍କୁଲ ଖେଳ ପଡ଼ିଆରେ ସମ୍ପର୍କ କ୍ଲବ ଯୁବକ ସଂଘ ପକ୍ଷରୁ ଆରମ୍ଭ ହୋଇଥିବା ରାଜ୍ୟ ସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ଷଷ୍ଠ ଦିବସ ଖେଳର ଦ୍ୱିତୀୟ ସେମି ଫାଇନାଲ ମ୍ୟାଚରେ ଧର୍ମଶାଳା ଫୁଟବଲ ଟିମ୍ (ଯାଜପୁର) ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ଆଜିର ମ୍ୟାଚରେ ଡି.ଏଫ୍.ଏ. ଧର୍ମଶାଳା ଫୁଟବଲ ଟିମ୍ (ଯାଜପୁର) ଓ ବଜରଙ୍ଗ କ୍ଲବ ଘାଟିକିଆ (ଭୁବନେଶ୍ୱର) ଫୁଟବଲ ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଆଜିର ଖେଳର ପ୍ରଥମାର୍ଦ୍ଧରେ ଉଭୟ ଦଳ ମଧ୍ୟରେ ସଂଘର୍ଷ ପୂର୍ଣ୍ଣ ଖେଳ ହୋଇଥିଲେ ମଧ୍ଯ ଡି.ଏଫ୍.ଏ. ଧର୍ମଶାଳା ଫୁଟବଲ ଟିମ୍ (ଯାଜପୁର) ବିପକ୍ଷ ବଜରଙ୍ଗି କ୍ଲବ ଘାଟିକିଆ (ଭୁବନେଶ୍ୱର) ଫୁଟବଲ ଟିମ୍ କୁ ୧ଟି ଗୋଲ ଦେଇ ୧-୦ ଗୋଲରେ ଆଗୁଆ ରହିଥିଲା। ମାତ୍ର, ଖେଳର ଦ୍ୱିତୀୟାର୍ଦ୍ଧରେ ସଂଘର୍ଷ ପୂର୍ଣ୍ଣ ଖେଳ ହୋଇଥିଲେ ମଧ୍ଯ ଉଭୟ ଦଳ ପରସ୍ପରକୁ ଗୋଲ ଦେବାରେ ବିଫଳ ହୋଇଥିଲେ। ଫଳରେ ଡି.ଏଫ୍.ଏ. ଧର୍ମଶାଳା ଫୁଟବଲ ଟିମ୍ (ଯାଜପୁର) ୧-୦ ଗୋଲରେ ବିଜୟୀ ହୋଇ ଦ୍ୱିତୀୟ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି। ଆଜିର ଖେଳକୁ ରେଫରୀ ରାଜୁ ମହାନ୍ତି ପରିଚାଳନା କରିଥିବା ବେଳେ ପ୍ରସନ୍ନ କୁମାର ନାୟକ ଓ ପ୍ରଫୁଲ୍ଲ କୁମାର ବେହେରା ସହାୟତା କରିଥିଲେ। ଚତୁର୍ଥ ରେଫରୀ ଭାବେ ସାଗିର ଅହମ୍ମଦ ଓ ମ୍ୟାଚ କମିଶନର ଭାବେ ଅବଦୁଲ ବୟାନ ଖାନ୍ ସହଯୋଗ କରିଥିଲେ। ଆଜିର ମ୍ୟାଚରେ ଅତିଥି ଭାବେ ଭାପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ସାରଦା ପ୍ରସନ୍ନ ପଣ୍ଡା, ଅବସରପ୍ରାପ୍ତ ଶିକ୍ଷକ ସୁରେନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଆସନ୍ତା ରବିବାର ଦିନ ଗ୍ରାଣ୍ଡ ଫାଇନାଲ ମ୍ୟାଚ ମଙ୍ଗଳା କ୍ଲବ କଟକ ଫୁଟବଲ ଟିମ୍ ଓ ଡି.ଏଫ୍.ଏ. ଧର୍ମଶାଳା ଫୁଟବଲ ଟିମ୍ (ଯାଜପୁର) ମଧ୍ୟରେ ଅନୁଷ୍ଠିତ ହେବ।

# ୨୦୩୦ ଫିଫା ବିଶ୍ୱକପ୍‌ରେ ୬୪ ଦଳକୁ ମିଳିବ ସୁଯୋଗ !




**ନୂଆଦିଲ୍ଲୀ,୦୮/୦୩ :** ଫିଫା ବିଶ୍ୱକପ୍‌କୁ ଅଧିକ ପରିବ୍ୟାପ୍ତ କରାଯିବ। ଅଧିକ ଦଳ ବିଶ୍ୱକପ୍ ଖେଳିବାର ସୁଯୋଗ ପାଇବେ । ଏନେଇ ଗତ ବୁଧବାର ଦିନ ଫିଫା ବୋର୍ଡ ବୈଠକରେ ଆଲୋଚନା ହୋଇଛି । ୨୦୩୦ ବିଶ୍ୱକପ୍‌ରେ ୬୪ ଦଳ ସାମିଲ କରାଯିବା ନେଇ ଫିଫା ଚିନ୍ତା କରୁଛି । ସାରା ବିଶ୍ୱରେ ଫୁଟବଲର ଆଦର ରହିଛି । ବିଶ୍ୱରେ ଯେତିକି ପ୍ରତିଯୋଗିତା ଆୟୋଜିତ ହେଉଛି, ଫିଫା ବିଶ୍ୱକପ୍‌କୁ ଅଧିକ ଦର୍ଶକ ଦେଖିଥାନ୍ତି । ଫୁଟବଲର ଲୋକପ୍ରିୟତା ଏବଂ ଦର୍ଶକଙ୍କ ଆଗ୍ରହକୁ ଦେଖି ଫିଫା ବିଶ୍ୱକପ୍‌ର କଳେବରକୁ ବଢ଼ାଇବା ଆବଶ୍ୟକ ହୋଇ ପଡ଼ିଛି। ଏମିତିରେ ବି ଫିଫା ସଭାପତି ଗିଆନି ଇନ୍‌ଫାଣ୍ଟିନୋଙ୍କ ସମୟରେ ୨୦୨୬ ବିଶ୍ୱକପ୍‌ରେ ଦଳ ସଂଖ୍ୟା ୪୮ କରାଯାଇଛି । ଗତ ବୁଧବାର ଦିନ ଯେଉଁ ବୈଠକ ବସିଥିଲା, ଉରୁଗୁଏ ଏବଂ ଇଗନାସିଓ ଆଲୋନସୋର ପ୍ରତିନିଧି ଦଳ ୨୦୩୦ ବିଶ୍ୱକପ୍‌ରେ ଦଳ ସଂଖ୍ୟା ବଢ଼ାଇବା ନେଇ ପ୍ରସ୍ତାବ ଦେଇଥିଲେ । ଏ ପ୍ରସ୍ତାବକୁ ଅନ୍ୟ ସଦସ୍ୟମାନେ ଅଗ୍ରାହ୍ୟ କରିନଥିଲେ । ବରଂ ସମସ୍ତେ ନିରବ ରହିଥିଲେ । ଫିଫା ପକ୍ଷରୁ କୁହାଯାଇଛି ଯେ, ବିଶ୍ୱକପ୍ ?ର ଶତବାର୍ଷିକ ପାଳନ (୨୦୩୦) ଅବସରରେ ୬୪ଟି ଦଳ ଖେଳିବା ବିଷୟରେ ଆମ କାଉନସିଲ ସଦସ୍ୟମାନେ ଦେଇଥିବା ପ୍ରସ୍ତାବ ବିଷୟରେ ଫିଫା ପକ୍ଷରୁ ବିଶ୍ଲେଷଣ କରାଯିବ । ୨୦୨୨ ବିଶ୍ୱକପ୍ କତାରରେ ଆୟୋଜିତ ହୋଇଥିଲା । ୩୨ଟି ଦଳ ଏହି ସଂସ୍କରଣରେ ଭାଗ ନେଇଥିଲେ । ୨୦୨୬ ସଂସ୍କରଣରେ ଏହା ୪୮କୁ ବୃଦ୍ଧି ପାଇଛି । ବିଶ୍ୱକପ୍ ୩ଟି ଦେଶ ଯଥା- ଆମେରିକା, କାନାଡ଼ା ଓ ମେକ୍ସିକୋରେ ଆୟୋଜିତ ହେବ । ୧୯୩୦ରୁ ବିଶ୍ୱକପ୍ ଆରମ୍ଭ ହୋଇଥିଲା । ତେଣୁ ୨୦୩୦ରେ ଶହେ ବର୍ଷ ପୂରଣ ହେବାକୁ ଯାଉଛି । ତେଣୁ ଏହି ସଂସ୍କରଣକୁ ଅଧିକ ପରିବ୍ୟାପ୍ତ କରିବା ନେଇ ଫିଫା ଯୋଜନା ରଖିଛି । ଯଦି ୬୪ ଦଳ ୨୦୩୦ ସଂସ୍କରଣରେ ଖେଳନ୍ତି, ତାହା ପୂର୍ବରୁ ଫିଫାର ସଂଖ୍ୟା ଗରିଷ୍ଠ ସଦସ୍ୟ ଏହି ପ୍ରସ୍ତାବ ସପକ୍ଷରେ ସହମତି ପ୍ରକାଶ କରିବାର ଆବଶ୍ୟକତା ରହିଛି । ୨୦୩୦ ବିଶ୍ୱକପ୍ ମରୋକ୍କୋ (ଆୟୋଜକ), ପର୍ତ୍ତୁଗାଲ, ସ୍ପେନ, ଆର୍ଜେଣ୍ଟିନା, ପାରାଗୁଏ ଓ ଉରୁଗୁଏରେ ଖେଳାଯିବ ।

# ଆନ୍ତର୍ଜାତୀୟ ମହିଳା ଦିବସ ପାଳିତ



**ବାଲିଅନ୍ତା,୦୮/୦୩ :** ଆଜି ବାଲିଅନ୍ତା ବ୍ଲକ୍ ଭିଙ୍ଗାରପୁର ପଞ୍ଚାୟତ ଭିଙ୍ଗାରପୁର ଶାସନ ଗ୍ରାମ ରେ ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ କାର୍ଯ୍ୟରତ ୫୦ ରୁ ଉର୍ଦ୍ଧ୍ୱ ମହିଳା ମାନଙ୍କୁ ନେଇ ଜଗନ୍ନାଥ କନଷ୍ଟ୍ରକସନ୍ ଆଣ୍ଡ ୱେଲଫେୟାର ସୋସାଇଟି ତରଫରୁ ବିଶ୍ୱ ଆନ୍ତର୍ଜାତିକ ମହିଳା ଦିବସ ଅବସରରେ ଏକ ସଭାର ଆୟୋଜନ କରାଯାଇଥିଲା। ନାରୀ ସକଳ ଶକ୍ତିର ଆଧାର ଓ ସମାଜ ର ବିକାଶ ଓ ଏକ ସୁନ୍ଦର ଭବିଷ୍ୟତ ଗଠନରେ ମହିଳା ମାନଙ୍କର ସକ୍ରିୟ ଭାଗିଦାରୀତା ଓ ନେତୃତ୍ୱ ଅତ୍ୟନ୍ତ ଗୁରୁତ୍ୱପୁର୍ଣ୍ଣ ଏବଂ ଏଥିପାଇଁ ସବୁକ୍ଷେତ୍ରରେ ମହିଳା ମାନଙ୍କର ଅନ୍ତର୍ଭୂକ୍ତିକରଣକୁ ପ୍ରୋତ୍ସାହନ କରାଯିବା ଆବଶ୍ୟକ ବୋଲି ଜଗନ୍ନାଥ କନଷ୍ଟ୍ରକସନ୍ ର ଅଧ୍ୟକ୍ଷ ନାରାୟଣ ବେହେରା , ସମ୍ପାଦକ ପ୍ରମୋଦ କୁମାର ବେହେରା, ଗାଁ ସାଥି ସଂଘ ସଭାପତି ବିଜୟ କୁମାର ଭୋଇ, ଜୟଦେବ ନ୍ୟୁଜ୍ ର ସମ୍ପାଦକ ଗଗନ ଭୋଇ ଉପସ୍ଥିତ ସଭାରେ ଯୋଗଦେଇ ମତ ଦେଇଥିଲେ । ପତ୍ରକାର ପୀତବାସ ଦାଶ ଆଜି ଦିନରେ ମହିଳା ମାନଙ୍କ ସଫଳତାକୁ ପାଳନ କରିବା ସହିତ ଏକ ବିକଶିତ ସମାଜ ଓ ସୁନ୍ଦର ଭବିଷ୍ୟତ ପାଇଁ ସବୁକ୍ଷେତ୍ରରେ ମହିଳା ମାନେ ଆଗକୁ ବଢି ନେତୃତ୍ୱ ନେବା ଆବଶ୍ୟକ ବୋଲି ନିଜର ମତ ରଖିଥିଲେ । ଗାଁ ସାଥୀ ସଂଘର ସଭାପତି କୁମାର ଭୋଇ ମଧ୍ୟ ଏହି ସଭାକୁ ସମ୍ବୋଧିତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଉକ୍ତ ସଂଗଠନର ସଭ୍ୟ ଚିରଞ୍ଜିବୀ ଜେନା, ମୋହନ ବିଶ୍ୱାଳଙ୍କ ସହ ସମାଜସେବୀ ପ୍ରସନ୍ନ କୁମାର ସାହୁ ଉପସ୍ଥିତ ରହି ସଭା କୁ ସମ୍ବୋଧିତ କରିଥିଲେ। ପରିଶେଷରେ ଜଗନ୍ନାଥ କନଷ୍ଟ୍ରକସନ୍ ର ସମ୍ପାଦକ ପ୍ରମୋଦ କୁମାର ବେହେରା ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ଜଳୁଛି ସିମିଲିଆ ଗ୍ରାମ୍ୟ ଜଙ୍ଗଲ



**ଠାକୁରଗଡ଼,୦୮/୦୩ :** ଆଠମଲ୍ଲିକ ବନ ଖଣ୍ଡ ଧଣ୍ଡା ତୋପା ବନାଞ୍ଚଳ ସାନହୁଲା ପଞ୍ଚାୟତ ଅଧୀନ ସିମିଳିଆ ଗ୍ରାମ୍ୟ ଜଙ୍ଗଲ ରେ ଦୀର୍ଘ ୩ ଦିନ ହେବ ନିଆଁ ଲାଗିଛି। ଏହି ନିଆଁ କୁ ଲିଭାଇବା ପାଇଁ ଗ୍ରାମବାସୀ ବ୍ୟାପକ ଚେଷ୍ଟା କରି ବିଫଳ ହେବା ପରେ ବନ ବିଭାଗ କର୍ମଚାରୀ ମାନଙ୍କୁ ଅବଗତ କରାଇବା ପରେ ମଧ କେହି ଆସୁ ନାହାନ୍ତି ବୋଲି ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି। ନିଆଁ ଲାଗିବା ଫଳରେ ବିଭିନ୍ନ ପ୍ରକାରର ଶାଗୁଆନ, ଶିଶୁ, କେନ୍ଦୁ, ଶାଳ, ପିଆଶାଳ ଓ ଔଷଧୀୟ ଗୁଳ୍ମଲତା ପୋଡ଼ି ନଷ୍ଟ ହୋଇଯାଇଛି। ଏ ସମ୍ପର୍କରେ ଧଣ୍ଡାଟୋପା ରେଞ୍ଜର ବାବୃବହାନ ସାହୁ କହିଛନ୍ତି ଯେ, ଲୋକେ ମିଛରେ ଅଭିଯୋଗ କରିଛନ୍ତି। ଏଠାରେ ପ୍ରଶ୍ନ ଉଠୁଛି, ଜଣେ ଦାୟିତ୍ୱ ସମ୍ପନ୍ନ ରେଞ୍ଜର ନିଜ ଦାୟିତ୍ୱ କୁ ଠିକ୍ ଭାବେ ପାଳନ ନ କରି ଗ୍ରାମବାସୀ ଙ୍କୁ ମିଛୁଆ କହିବା ଦୁର୍ଭାଗ୍ୟ ଜନକ। ଏହାର ଏକ ଉଚ୍ଚ ସ୍ତରୀୟ ତଦନ୍ତ ହେବା ଆବଶ୍ୟକ।

# ଆଇପିଏଲ୍ ୨୦୨୫ ପାଇଁ ମୁମ୍ବାଇ ଇଣ୍ଡିଆନ୍ସରେ ସାମିଲ ହେଲେ କର୍ବିନ ବୋଶ




**ନୂଆଦିଲ୍ଲୀ,୦୮/୦୩ :** ଆଇପିଏଲ ୨୦୨୫ ପୂର୍ବରୁ, ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ନେତୃତ୍ୱାଧୀନ ମୁମ୍ବାଇ ଇଣ୍ଡିଆନ୍ସକୁ ଏକ ଝଟକା ଲାଗିଛି । ସେମାନଙ୍କ ଦଳରେ ଥିବା ଲିଜାଡ୍ ୱିଲିୟମ୍ସ ଆଘାତ ଯୋଗୁଁ ଟୁର୍ଣ୍ଣାମେଣ୍ଟରୁ ବାଦ ପଡ଼ିଛନ୍ତି। ମୁମ୍ବାଇ ଲିଜାଡ୍‌ଙ୍କୁ ନିଲାମରେ ୭୫ ଲକ୍ଷ ଟଙ୍କାରେ କିଣିଥିଲା। ଏବେ ତାଙ୍କ ବିଦାୟ ପରେ, ଦଳ ତାଙ୍କ ବଦଳ ଖେଳାଳିଙ୍କୁ ମଧ ଆନୁଷ୍ଠାନିକ ଭାବରେ ଘୋଷଣା କରିଛି। ଦଳ ଦକ୍ଷିଣ ଆଫ୍ରିକାର ଅଲରାଉଣ୍ଡର କର୍ବିନ ବୋଶଙ୍କୁ ଦଳରେ ସାମିଲ କରିଛି। କର୍ବିନ୍ ବୋଶ୍ ତାଙ୍କ ଘରୋଇ ଦଳ ପାଇଁ ସମସ୍ତ ଫର୍ମାଟରେ ନିୟମିତ ଖେଳାଳି ହୋଇଆସିଛନ୍ତି। ସେ ୨୦୨୪ ମସିହାରେ ଦକ୍ଷିଣ ଆଫ୍ରିକା ପାଇଁ ତାଙ୍କର ଅନ୍ତର୍ଜାତୀୟ କ୍ରିକେଟରେ ଡେବ୍ୟୁ କରିଥିଲେ। ଲିଜାଡ୍ ୱିଲିୟମ୍ସଙ୍କ ବଦଳ ସ୍ୱରୂପ, ମୁମ୍ବାଇ ଇଣ୍ଡିଆନ୍ସ ଆଇପିଏଲ ୨୦୨୫ ପାଇଁ ଜଣେ ୭ମ ଅଲରାଉଣ୍ଡରଙ୍କୁ ମନୋନୀତ କରିଛି। କର୍ବିନ ବୋଶଙ୍କ ପୂର୍ବରୁ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ସମେତ ୬ ଜଣ ଅଲରାଉଣ୍ଡରଙ୍କୁ ଦଳରେ ସାମିଲ କରାଯାଇଥିଲା। ଡାହାଣହାତୀ ବ୍ୟାଟସମ୍ୟାନ୍ କର୍ବିନ ମଧ୍ୟମ କ୍ରମରେ ଭଲ ବ୍ୟାଟିଂ କରିପାରିବେ। ସେ ୮୬ଟି ଟି-୨୦ ମ୍ୟାଚ୍ ଖେଳି ୬୬୩ ରନ୍ କରିଛନ୍ତି ଏବଂ ୫୯ଟି ୱିକେଟ୍ ନେଇଛନ୍ତି।

Printed, Published & Owner by Hajarika Mohapatra,
Printed at Das Offset Printers, Udit Nagar Main Road, Rourkela
Dist-Sundargarh (Odisha) and Published at Plot No.: 364/1662, Susanti Vihar, Lane-5, Tankapani Road, Bhubaneswar
Email : satyanews24.bbsr@gmail.com, Mob- +91 90406 99332, 83380 72970
Editor : Satyajit Mohapatra
ସମ୍ପାଦକ : ସତ୍ୟଜିତ ମହାପାତ୍ର